## ସଂକ୍ଷେପରେ

### ୩୫ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ପୋଡ଼ି

ପୋଲିସ, ଅବକାରୀ ବିଭାଗର ଚଢ଼ାଉ



ମାଲକାନଗିରି/ଚିତ୍ରକୋଣ୍ଡା,୨୦।୧୧ (ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଅରମ୍ଭ ହୋଇଛି ଅପରେଶନ ନୀଳ ଜହର । ଜିଲା ପ୍ରଶାସନ ଓ ପୋଲିସ ଏଥିପ୍ରତି ସତର୍କତା ଅବଲମ୍ବନ କରିଥିବା ଜଣାପଡିଛି। ବେଆଇନ ଗଞ୍ଜେଇ ଚାଷ ଅଞ୍ଚଳରେ ଚଢାଉ ଆରମ୍ଭ କରିଛି ମାଲକାନଗିରି ପୋଲିସ ଓ ଅବକାରୀ ବିଭାଗ । ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତ ଚିଡିପକା ଗ୍ରାମର ବିଭିନ୍ନ ସ୍ଥାନରେ ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ଫୋର୍ସ ଓ ଅବକାରୀ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରି ଏକର ଏକର ଜଙ୍ଗଲ ଜମିରେ ହୋଇଥିବା ଗଞ୍ଜେଇ ଗଛ କାଟି ସେଥିରେ ନିଆଁ ଲଗାଇ ନଷ୍ଟ କରି ଦିଆଯାଇଛି। ପ୍ରାୟ ୩୫ ହଜାର ଗଛ କଟାଯାଇଛି।

### ପ୍ରେମ ସମ୍ପର୍କରୁ ଯୁବତୀଙ୍କୁ ଛୁରାମାଡ଼, ଯୁବକ ଫେରାର

ଉମରକୋଟ, ୨୦।୧୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାରେ ପ୍ରେମ ସମ୍ପର୍କକୁ ନେଇ ନୃତ୍ୟ କଳାକାରଙ୍କୁ ଛୁରିରେ ଆକ୍ରମଣ ହୋଇଛି। ୫ଜଣ ନୃତ୍ୟ କଳାକାର ଝିଅ ପୁରୀରୁ ଆସି ଉମରକୋଟ ରାଜସ୍ୱ ନିରୀକ୍ଷକଙ୍କ ସରକାରୀ ବାସ ଭବନ ପଛପଟ ଏକ ଭଡ଼ାଘରେ ରହି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଥିଲେ। ସୋମବାର ଭଡାଘରେ ଥିବା ସମୟରେ ପାଚେରି ଡେଇଁ ବିହାର ରାଜ୍ୟର ରୋହିତ ଘରେ ପଶି ଜଣେ ଯୁବତୀଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଘର ଭିତରେ ଥିବା ଅନ୍ୟ କଳାକାର ଆସି ତାଙ୍କୁ ତୁରନ୍ତ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଛୁରାମାଡ଼ରେ ଯୁବତୀଙ୍କ ଜଙ୍ଘ, ଛାତି, ବାମ ହାତରେ ଗଭୀର ଆଘାତ ଲାଗିଛି। ଛୁରାମାଡ଼ କରି ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ଯୁବତୀ ଓ ଯୁବକଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ପ୍ରେମ ସମ୍ପର୍କ ରହିଥିଲା। କିଛିଦିନ ପୂର୍ବରୁ ପ୍ରେମରେ ପୂର୍ଣ୍ଣଚ୍ଛେଦ ପଡିବାରୁ ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ କରିଛନ୍ତି ବୋଲି ଆକ୍ରମଣର ଶୀକାର ହୋଇଥିବା ଯୁବତୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ସହକର୍ମୀମାନେ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନା ଅଧିକାରୀ ଡମ୍ବୁରୁଧର ପ୍ରଧାନ ଓ ଅକ୍ଷୟ ମିଶ୍ର ତଦନ୍ତ କରିଥିବା ଜଣାପଡିଛି ।

# ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବ ପିଢ଼ିଙ୍କ ଚେନ୍ନାଇ ଗସ୍ତ

ମାଲକାନଗିରି,୨୦।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବତୀ ଯୁବକମାନେ ଚେନ୍ନାଇ ଗସ୍ତ କରିଛନ୍ତି। ବିଏସ୍ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯିନ୍ତ୍ରୀ, ଘନବେଡା, ଅଣ୍ଡ୍ରାପାଲ୍ଲୀ ଓ ଯୋଡାମ୍ବ ଆଦି ଗ୍ରାମ ଗୁଡିକରେ ବସବାସ କରୁଥିବା ୧୦ ଯୁବତୀ ଓ ୧୦ଯୁବକଙ୍କୁ ଚେନ୍ନାଇ ପଠାଇଛନ୍ତି। ଏହି ଯୁବପିଢି ଚିତ୍ରକୋଣ୍ଡା ଅଞ୍ଚଳ ଫୁଲପଦର, ଲାମ୍ବାସିଙ୍ଗି, ରାଙ୍ଗିଣିଗୁଡା, ବନଗୁରୁ, ପଲସପଦର ଓ ରଖାପାଲୀ ଅଞ୍ଚଳର । ଏହି ଯୁବପିଢି ଆସନ୍ତା ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଚେନ୍ନାଇର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା ଓ ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। କାର୍ଯ୍ୟକ୍ରମରେ ବିଏସ୍ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରଦାପ ସିଂ, ସିକନ୍ଦର ସିଂ, ଡେପୁଟି କମାଣ୍ଡାଣ୍ଟ ରାଜେଶ କୁମାର, ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘର ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ବିଏସ୍ଏଫ ତରଫରୁ ୩୨୦ ଯୁବପିଢି ଦେଶର ବିଭିନ୍ନ ଅଞ୍ଚଳ ତଥା ହରିୟାଣାର ପଞ୍ଚକୁଲା, ଅହମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରି, ନୂଆଦିଲ୍ଲୀ, ଚଣ୍ଡିଗଡ, କୋଚି ଓ ହାଇଦ୍ରାବାଦ ଆଦି ରାଜ୍ୟଗୁଡିକୁ ଭ୍ରମଣ କରି ଆସିଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢି ଜ୍ଞାନ ଶକ୍ତି ବଢିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣ ସହ ଦେଖିପାରିବେ ।



ଚେନ୍ନାଇ ଗସ୍ତ କରିଥିବା ଆଦିବାସୀ ପିଲାମାନେ ।

# ସ୍ୱାଭିମାନ ଅଞ୍ଚଳରେ କଂଗ୍ରେସର ଜନ ଆକ୍ରୋଶ ସମାବେଶ

ଚିତ୍ରକୋଣ୍ଡା,୨୦।୧୧(କ୍ଷୀରୋଦ ବେହେରା)

### ଜନସାଧାରଣଙ୍କ ହକ ପାଇଁ ବର୍ଷିଲେ କର୍ମୀ

ମାଲକାନଗିରି ଜିଲା କଂଗ୍ରେସ ଦ୍ୱାରା ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ କମିଟି ଆନୁକୂଲ୍ୟରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ପଞ୍ଚାୟତ ଲାଉଗୁଡାରେ ଏକ ଜନ ଆକ୍ରୋଶ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ଚିତ୍ରକୋଣ୍ଡା ବ୍ଲକ ସଭାପତି ବିଦେଶୀ ଗଉଡ଼ଙ୍କ ଆହ୍ୱାନ କ୍ରମେ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାଜ୍ୟ ସମ୍ପାଦକ ଡାକ୍ତର ବିଶ୍ୱ ରଞ୍ଜନ ମହାନ୍ତି, ଚିତ୍ରକୋଣ୍ଡା ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ବିନତି ଖିଲ,ପୂର୍ବତନ ବିଧାୟକ ଭୁଜବଳ ମାଝି ଓ ରାମଚନ୍ଦ୍ର କାଡ଼ାଗ ବରିଷ୍ଠ କଂଗ୍ରେସ କର୍ମୀ ମାଲା ମାଢ଼ି, ଶରତ ବୁରୁଦା, ହୀରାବତୀ ଗଣ୍ଡ, ଜିଲା ପରିଷଦ ସଦସ୍ୟ ମଙ୍ଗୁ ଖିଲ, ଭୀମା ବାର୍ଷେ ଓ ନିମାଇଁ ସରକାରଙ୍କ ଉପସ୍ଥିତିରେ ଚିତ୍ରକୋଣ୍ଡା ବ୍ଲକର ୧୮ପଞ୍ଚାୟତର ବହୁ କଂଗ୍ରେସ କର୍ମୀଙ୍କୁ ନେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟତଃ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଜମିକୁ ଜଳ ଯୋଗାଇବା ପ୍ରକଳ୍ପ କାର୍ଯ୍ୟ ଫେଲ ହୋଇଛି । ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ନିଆଯାଉ। ଜନସାଧାରଣଙ୍କୁ ଦିଆଯାଇଥିବା ଜଙ୍ଗଲଜମି ପଟା ମିଳିଛି ତାହା ଆଜି ଯାଏ ଚିହ୍ନଟ କରାଯାଇନାହିଁ, କି ସେ ପଟାରେ ଜାତି ଲେଖା ଯାଇନାହିଁ। ଫଳରେ ଲୋକେ ଜାତି ପ୍ରମାଣପତ୍ର ପାଇବାରେ ଅସୁବିଧା ହେଉଛି। ତୁରନ୍ତ ତାର ସମାଧାନ କରମାଯାଉ। ଏବେବି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ତଥା ଉପାନ୍ତ ଅଞ୍ଚଳର ବହୁ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସେ ଗ୍ରାମଗୁଡିକରେ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯାଉ, ପ୍ରତି ପଞ୍ଚାୟତରେ ସମସ୍ତ ପ୍ରକାର ମଣ୍ଡି ବ୍ୟବସ୍ଥା କରାଯାଉ ନ ହେଲେ କଳାବଜାରୀ ଓ ଦଲାଲଙ୍କର ପାଦୁର୍ଭାବ ବଢ଼ିବାରେ ଲାଗିଛି। ଉତ୍ପାଦିତ ଶସ୍ୟରେ ଉଚିତ ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରାଯାଉ। ଚିତ୍ରକୋଣ୍ଡାର ୧୮ ପଞ୍ଚାୟତରେ ଏସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛି ।



କଂଗ୍ରେସ କର୍ମୀ ସମ୍ମିଳନୀ ।

# ଷ୍ଟେଟ୍ ବ୍ୟାଙ୍କ ତରଫରୁ ସ୍ୱଚ୍ଛତା କିଟ୍ ବଣ୍ଟନ

ମାଲକାନଗିରି,୨୦।୧୧(ନୃସିଂହ ଚରଣ ମହାନ୍ତି)

ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ବିଷୟରେ ଏକ ସଚେତନତା ସହ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଥିଲା। ସଭାରେ ଜିଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଦେବଦତ୍ତ ସେଠୀ ଯୋଗଦେଇ ଭାରତୀୟ ଗ୍ରାହକ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରି ଷ୍ଟେଟ ବ୍ୟାଙ୍କ ତରଫରୁ ଛାତ୍ରୀମାନଙ୍କୁ ୨ ଶହ ସ୍ୱଚ୍ଛତା କିଟ୍ ବଣ୍ଟନ କରିଥିଲେ। ସଭାରେ ମୁଖ୍ୟ ବକ୍ତା ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ ଛାତ୍ରୀମାନେ କିପରି ସୁରକ୍ଷିତ ରହି ସମାଜର ମଙ୍ଗଳ ସାଧନ କରିପାରିବେ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଇନ୍ଦିରା ପ୍ରଧାନ, ପ୍ରୋଗ୍ରାମ ଅଧିକାରୀ ଜିଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର ଯୋଗଦାନ କରି ଛାତ୍ରୀମାନେ ସରକାରଙ୍କ ତରଫରୁ ଦିଆଯାଉଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ। ପୂର୍ବତନ ଅଧ୍ୟାପିକା ନମିତା ଦଣ୍ଡସେନା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସଭାରେ ଲିପ୍ସାରାଣୀ ନାୟକ, ଆରତୀ ଲୁଗୁନ, ସୀତାଂଶୁ ମାଳିନୀ ପରିଡା, ଦୀପ୍ତିରେଖା ମିଶ୍ର, ଲକ୍ଷ୍ମୀ କୁଲ୍ଲୁର, ସବିତା ମୁଦୁଲି, ସ୍ନିଗ୍ଧା ସର୍ଦ୍ଦାର ଉପସ୍ଥିତ ଥିଲେ । ସଭାରେ ଛାତ୍ରୀ ଶ୍ରେୟାଶ୍ରୀ ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାଟିକୁ ସଫଳ କରିବା ପାଇଁ ଏନସିସି ଅଧିକାରୀ ସୁଶାନ୍ତ ମାଝି ସହଯୋଗ କରିଥିଲେ। ଶେଷରେ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।




ସ୍ୱଚ୍ଛତା କିଟ୍ ବଣ୍ଟନ ଅବସରରେ ଯୋଗଦେଇଥିବା ଅତିଥି ।

### ଆମ ପୋଲିସ ସମିତି ବୈଠକ

ପାପଡ଼ାହାଣ୍ଡି ,୨୦।୧୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦୀପକ ଜେନାଙ୍କ ସଭାପତିତ୍ୱରେ ଏସ୍‌ଡିପିଓ ଆଦିତ୍ୟ ସେନ, ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନ, ସବଇନ୍ସପେକ୍ଟର ଶିବଜିପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା, ସମାଜ ସୁରକ୍ଷା, ଅପରାଧ ସହ ସାଇବର କ୍ରାଇମ ରୋକିବା, ବାଲ୍ୟ ବିବାହ ବନ୍ଦ ଉପରେ ଆଲୋଚନା ହୋଇଥିଲା। ସହରରେ ଟ୍ରାଫିକ ସମସ୍ୟା, ବାଇପାସ ରାସ୍ତା, ରୋଡ୍‌ରୋମିଓ, ବାଇକ ଦ୍ରୁତ ଗତିରେ ଚଲାଇବା ଆଦି ବିଷୟରେ ଆଲୋଚନା କରାଯାଇଛି। ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ବୋର୍ଡ ଲଗାଯିବ। ଅଗାମୀ ଦିନରେ ସ୍ଥାନୀୟ ଜନ ସାଧାରଣଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଛି। ପୋଲିସ ସହ ମିଶିକି କାମ କଲେ ଅପରାଧ ରୋକିହେବ ବୋଲି ମତ ପ୍ରକାଶ ପାଇଛି।

# ଆଇଏମ୍ଏସ୍‌ଟି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ମାଲକାନଗିରି,୨୦।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ପୁରାତନ ଇଂଲିଶ ମିଡିୟମ ବିଦ୍ୟାଳୟ ଆଇଏମ୍ଏସ୍‌ଟି ନର୍ସରୀ ଓ ହାଇସ୍କୁଲର ୪୮ତମ ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସପ୍ତାହ ବ୍ୟାପୀ ଚାଲିଥିବା ଏହି ଉତ୍ସବକୁ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ କୀର୍ତ୍ତନିଆ ଓ ଅବସରପ୍ରାପ୍ତ ଉପାଧ୍ୟକ୍ଷ ପୁଷ୍ପାମଞ୍ଜରୀ ଦେବୀ ଉଦ୍‌ଘାଟନ କରିଥିଲେ । ସପ୍ତାହ ବ୍ୟାପୀ ଚାଲିଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କୁ ୪ଟି ବିଭାଗ ଯଥା ବ୍ଲୁ, ରେଡ୍, ଗ୍ରୀନ ଓ ୟେଲୋ ହାଉସ୍‌ରେ ବିଭକ୍ତ କରାଯାଇଥିଲା । ଛାତ୍ରୀଛାତ୍ରମାନେ ନିଜ ନିଜ ହାଉସ୍ ତରଫରୁ ବିଭିନ୍ନ ଦୌଡ, ରିଲେ, ରେସ୍, ହାଇ ଜମ୍ପ, ଲଙ୍ଗ ଜମ୍ପ, ଶଟପୁଟ, ଡିସ୍‌କସ୍ ଥ୍ରୋ, ଫୁଟବଲ, ଭଲିବଲ, କବାଡି, ବ୍ୟାଡମିଣ୍ଟନ, ଚେସ୍ ଓ କ୍ୟାରମ ଆଦି ପାରମ୍ପରିକ ଖେଳ ସହିତ ପୁଚି, ଚକୋଲେଟ କଲେକ୍ସନ, କୁମ୍ଭୀର ଦୌଡ, ବେଙ୍ଗ ଡିଆଁ, ସ୍ୟାକ୍ ରେସ୍ ଆଦି ଖେଳ ଏବଂ କୁଇଜ୍ ପ୍ରତି ଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧର ଏବଂ ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ଆଏମ୍ଏସ୍‌ଟି ସ୍କୁଲର ପ୍ରାକ୍ତନ ଛାତ୍ର ଇସ୍ରାଏଲରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଗୌତମ ଚୌଧୁରୀ, ଆଇଏମ୍ଏସ୍‌ଟି ଫିଲ୍ଡ ଅଧିକାରୀ ଶିବରାଜ ଜୟକୁମାର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଡକ ସୁରକ୍ଷା ଏବଂ ବିଭିନ୍ନ ଛାତ୍ରୀଛାତ୍ରଙ୍କ ଉପରେ ବିଭିନ୍ନ ଗଣମାଧ୍ୟମ ଯଥା ଟିକ୍‌ଟକ୍, ଫେସ୍‌ବୁକ, ହ୍ୱାଟ୍‌ସ ଆପ୍, ଇନ୍‌ଷ୍ଟାଗ୍ରାମ ଆଦିର କୁପ୍ରଭାବ ସମ୍ପର୍କରେ ଅଭିନୟ ଏବଂ ପୋଷ୍ଟର ମାଧ୍ୟମରେ ସଚେତନ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ଆଇଏମ୍ଏସ୍‌ଟି ସ୍କୁଲ ଆଇ. ଜେବା ସିଂ, ଅଧ୍ୟକ୍ଷା ଶଶି କଳା ପରିଚାଳନା କରଥିଲେ। ଉପାଧ୍ୟକ୍ଷା ସୁଧାମଣୀ ତାଣ୍ଡି, ଅଜିତ ଖୋସଲ ଓ ସୁନ୍ଦର କୁମାର ମେସୋକ ସହ ଯୋଗ କରିଥିଲେ ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ପ୍ରତିଯୋଗୀ।

# ଗ୍ରାମସ୍ତରରେ ବୈଠକ କରି ଲୋକଙ୍କୁ ସଚେତନ କର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଲୋକ ପ୍ରତିନିଧି।

ଡାବୁଗାଁ, ୨୦।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଡାବୁଗାଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ ବନ୍ଦ, କମ ବୟସରେ ବିବାହ କଲେ ମହିଳା ସରକାରଙ୍କ ମମତା ଯୋଜନାରୁ ବଞ୍ଚିତ ହେବା, ତାଙ୍କ ଠାରେ ରକ୍ତ ହୀନତା ଦେଖାଦେବା, କମ ଓଜନ ଓ ଦିବ୍ୟାଙ୍ଗ ପିଲା ଜନ୍ମ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ପ୍ରତି ଗ୍ରାମସ୍ତରରେ ବୈଠକ କରି ଲୋକଙ୍କୁ ସଚେତନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବିଡିଓ ଶରତ ମାଝି, ତହସିଲଦାର ସଦାଶିବ ଭତ୍ରା, ସିଡିପିଓ ମିନତୀ ଦାଶ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅଙ୍ଗନୱାଡି ସୁପରଭାଇଜର କୁନମୁନ ସେନାପତି, ରୋଜାଲିନ ପ୍ରଧାନ, ପ୍ରଣମିତା ପଟ୍ଟନାୟକ, ବିମଳା ନାୟକ ଓ ସାଇରା ବାନୁ, ଡଙ୍ଗରିଗୁଡା ସରପଞ୍ଚ ରାମକୁମାର ଗଣ୍ଡ, ଜୁନାପାଣି ସରପଞ୍ଚ ଦୟାନିଧି ଭତରା, ସମସ୍ତ ଏମ୍‌ବିକେ ଏବଂ ସିଆରପି ମାନେ ଯୋଗ ଦେଇଥିଲେ।

# ବ୍ଲକରୁ ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ଡାବୁଗାଁ, ୨୦।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଛି। ଅତିଥିଭାବେ ଡାବୁଗାଁ ବିଡିଓ ଶରତ ମାଝି ଓ ତହସିଲଦାର ସଦାଶିବ ଭତ୍ରା ଯୋଗ ଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସ୍କୁଲରୁ ମୋଟ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବିବେକ କୁମାର ଭୋଇ ଓ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପଦମ ଭତ୍ରା ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ୫ଟି ବିଭାଗର ୧୫ଟି ଶ୍ରେଷ୍ଠ ପ୍ରକଳ୍ପକୁ ଚୟନ କରାଯାଇଛି। ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଭାଗୀୟ ପ୍ରକଳ୍ପ ଭୁବନ ଧର ହରିଜନ (୧ମ), ଆନିସ ଗୌଡ଼ (୨ୟ) ଓ ଦିବାକର ହରିଜନ (୩ୟ), ଜୀବନ ପାଇଁ ପରିବେଶରେ ରବିଚନ୍ଦ୍ର ହରିଜନ (୧ମ), ପୂରବବତି ଭତ୍ରା (୨ୟ) ଓ ସୁଶାନ୍ତ ଜାନୀ (୩ୟ), କୃଷି ବୈଷୟିକ ବିଜ୍ଞାନରେ ଶୁଭମ ଗୁପ୍ତା (୧ମ), ଶ୍ରୀହାନ୍ସ ସିଂ (୨ୟ) ଓ ମିନାକ୍ଷୀ ପନକା (୩ୟ), ପରିବହନ ଓ ଯୋଗାଯୋଗରେ ଦେବ ସିଂ ଗୌଡ (୧ମ), କୁମାର ସାନ୍ତା (୨ୟ) ଓ ଜୋରବୀନ ଭତ୍ରା (୩ୟ), ବୈଜ୍ଞାନିକ ଚିନ୍ତାଧାରାରେ ଅନ୍ୱେଷା ପଣ୍ଡା (୧ୟ), ଦିବ୍ୟାଶ୍ରୀ ପାତ୍ର (୨ୟ) ଓ ରଞ୍ଜନ ସାନ୍ତା (୩ୟ) ସ୍ଥାନ ଅଧିକାର କରିଥିଲେ। ୫ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଉଦଯାପନୀ ଉତ୍ସବରେ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ମୁଖ୍ୟ ବକ୍ତା ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଏବିଇଓ ଭଗବାନ ମାଝି, ସନ୍ତୋଷ ସାହୁ ଓ ଦେବରାଜ ଗୋପାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବିକାଶ ରଞ୍ଜନ ନିଶଙ୍କ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବସ୍ତିଆ, ପିଙ୍କି ଗୁପ୍ତା, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ନିଶଙ୍କ, ରାଇସିଂ ପୂଜାରୀ, ରତିକାନ୍ତ ନାୟକ, ଧନସିଂ ତନ୍ତୀ, ବିଶ୍ୱେଷ କୁମାର ତ୍ରିପାଠୀ, ଜିତେନ୍ଦ୍ର ମାଝି, ବଲ୍ଲଭ ନାରାୟଣ ପଣ୍ଡା, ପ୍ରସନ୍ନ ଦଣ୍ଡସେନା, ଧନଞ୍ଜୟ ବଡଜେନା, ହେମେନ୍ଦ୍ର ନାଥ ବେହେରା ଓ ସମସ୍ତ ସିଆରସିସି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଡାବୁଗାଁରେ ଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କାଳିମେଳା, ୨୦।୧୧(ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ମହାବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ଉତ୍ସବରେ ମାଲକାନଗିରି ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ 'ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା' ମାଧ୍ୟମରେ ଯୁବକମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରି ଡିସେମ୍ବର ୩୦ ମଧ୍ୟରେ ମହାବିଦ୍ୟାଳୟରେ ସାମାଜିକ ସେବା ମୂଳକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡ଼ା ପ୍ରତିଯୋଗିତା ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସାମାଜିକ ସେବା କାର୍ଯ୍ୟକ୍ରମ ସଂଯୋଜକ ତଥା ଇଂଲିଶ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେବା ସହ ଶାରୀରିକ ଓ ମାନସିକ ବିକାଶ ପାଇଁ ପାଠପଢ଼ା ସହିତ ପାଠ୍ୟକ୍ରମ ବହିର୍ଭୂତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହେବ ବୋଲି ସେ ଘୋଷଣା କରିଥିଲେ। ଏହି ଉପଲକ୍ଷେ ନିଶା ନିବାରଣ ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରାଲିକୁ ମୁଖ୍ୟ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡ. ରାଉତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏକ ବିଶାଳ ରାଲିରେ କାଳିମେଳା ସହର ପରିକ୍ରମା କରିଥିଲେ। ପରେ ଛାତ୍ରୀ ଛାତ୍ରମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସର ଓ କାଳିମେଳା ବସ୍‌ଷ୍ଟାଣ୍ଡରେ ସଫେଇ କାର୍ଯ୍ୟକ୍ରମ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାମକୃଷ୍ଣ ଭଞ୍ଜ, ପ୍ରସନଜିତ ସ୍ୱର୍ଣ୍ଣକର, ପି.ରବିଶଙ୍କର, ଖଗେଶ୍ୱର ବେହେରା, ଅଧ୍ୟାପିକା ଶିବାନୀ ମହାରଣା, ପପୀୟା ବାଉଲ, ରିନୁଲତା ରାଉତ ଓ ଉମାଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜୁ ଯୁବ ସଭାପତି ମିରିକାନ୍ତ ମଣ୍ଡଳ, ବିଜୁ ଛାତ୍ର ସଭାପତି ସଞ୍ଜୁ ସରକାର, ବିଜୁ ଯୁବ ଉପସଭାପତି ଚିରଞ୍ଜୀବ ବାଲା, ରାକେଶ ମଣ୍ଡଳ ଓ ବିଜୁ ଯୁବ ମିଡ଼ିଆ ସଂଯୋଜକ ସୌରଭ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।




ଯୁବବିକାଶ କାର୍ଯ୍ୟକ୍ରମରେ ବାହାରିଥିବା ରାଲି ।

## ସଂକ୍ଷେପରେ

### ପଦ୍ମପୁରରେ ବିଜ୍ଞାନ ମେଳା



ପଦ୍ମପୁର, ୨୦।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ ଅନ୍ତର୍ଗତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା-୨୦୨୩ ଅନୁଷ୍ଠିତ ହୋଇଛି। ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଶବର, ବିଆରସିସି ସତ୍ୟ ନାରାୟଣ ନାୟକ, ଚନ୍ଦ୍ରସେନ ଲିମା ଏବଂ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଷ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ପଦ୍ମପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ୮୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ଉମ୍ମସରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ, ଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଏବଂ ରଶ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। ଶ୍ରେଷ୍ଠ ୫ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ପାଇଁ ମନୋନୀତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ପାନାଡା ବିଶ୍ୱନାଥ ପରିଚାଳନା କରିଥିବା ବେଳେ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

### ଜିଲାସ୍ତରୀୟ ଫିଲାଟେଲି ପ୍ରଦର୍ଶନୀ

ରାୟଗଡ଼ା, ୨୦।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଡାକ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ଫିଲାଟେଲି ପ୍ରଦର୍ଶନୀ (ରାୟପେକ୍ସ) ପ୍ରଥମ ଥର ପାଇଁ ଜିଲାରେ ଆୟୋଜିତ ହୋଇଛି। ପ୍ରଦର୍ଶନୀରେ ବ୍ରହ୍ମପୁର ଡିଭିଜନ ପୋଷ୍ଟ ମାଷ୍ଟର ଜେନେରାଲ ରିଜୁ ଗାଙ୍ଗୁଲି, ଜେ.କେ ପେପର ମିଲ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ (କାର୍ମିକ) ବିନୟ ଦ୍ୱିବେଦୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଜେକେ ପେପର ଲିମିଟେଡର ସ୍ପେଶାଲ କଭର୍ସ ମୁକ୍ତିଲାଭ କରିଥିଲା। ଏହି ଅବସରରେ



ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉତ୍ସବରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଜେକେ ପେପର ମିଲ ଲିମିଟେଡ୍ ମହାପ୍ରବନ୍ଧକ (ମାନବସମ୍ବଳ) ସୁଦୀପ ପାଣ୍ଡେ, ମୀନକେତନ ପ୍ରଧାନ ଏବଂ ଅନୁପ କୁମାର ରାଉତ ଉପସ୍ଥିତ ଥିଲେ।

### ଗାନ୍ଧୀ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଗୁଣପୁର, ୨୦।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ସିଟି କ୍ୟାମ୍ପସରେ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ୩ ଦିନ ଧରି ଚାଲିବାକୁ ଥିବା କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ନର୍ସରୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଅଖା ଡିଆଁ, ଗଣିତ ଖେଳ ପରି ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିବେ ।

# ୩୯ ରୁଟ୍‌ରେ ପଞ୍ଚାୟତରୁ ବ୍ଲକ୍‌କୁ ଯୋଡ଼ିହେବ ଲକ୍ଷ୍ମୀ ବସ୍

- ୨୫ରୁ ରାୟଗଡ଼ା ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍
- ପ୍ରଥମ ପର୍ଯ୍ୟାୟରେ ଆସିଛି ୪୧ ବସ୍

ରାୟଗଡା, ୨୦।୧୧ (ଭାଗ୍ୟଶ୍ରୀ ମିଶ୍ର)



ଜେକେପୁରର ରିଜର୍ଭ ପୋଲିସ ପଡିଆଠାରେ ଛିଡ଼ା ହୋଇଥିବା ଲକ୍ଷ୍ମୀ ବସ୍।

ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ଯାତାୟାତ ସୁବିଧା କରିବାକୁ ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ନେଇଛନ୍ତି । ରାୟଗଡ଼ା ଜିଲାରେ ଆଗାମୀ ୨୫ ତାରିଖରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ। ସ୍ଥାନୀୟ ଜିସିଡି ଖେଳପଡିଆଠାରୁ ଏହାର ଉଦ୍‌ଘାଟନ ପରେ ୩୯ଟି ରୁଟ୍‌ରେ ପଞ୍ଚାୟତରୁ ବ୍ଲକ୍‌କୁ ଯୋଡି ହେବ ଲକ୍ଷ୍ମୀ ବସ୍। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି କ୍ରମରେ ରାୟଗଡା ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୪୧ଟି ବସ୍ ଆସିଛି। ଏବେ ଜେକେପୁରର ରିଜର୍ଭ ପୋଲିସ ପଡିଆଠାରେ ସମସ୍ତ ବସ୍ ରହିଥିବା ଜଣାପଡିଛି। ବସ୍ ରହିବା ପାଇଁ ପଞ୍ଚାୟତ ଗୁଡିକରେ ଅସ୍ଥାୟୀ ଭାବେ ପାର୍କିଂ ପାଇଁ ଜାଗା ପ୍ରଦାନ କରାଯିବ।

ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ଚଳାଚଳ କରିବ । ଫଳରେ ଦୁର୍ଗମ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ରାୟଗଡା ଆରଟିଓ ଶିବ ଶଙ୍କର ଚୌଧୁରୀ କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାୟଗଡା ବ୍ଲକ୍ ପାଇଁ ୫ଟି, ରାମନାଗୁଡା ପାଇଁ ୨ଟି, କୋଲନରା ପାଇଁ ୪ଟି, କଲ୍ୟାଣସିଂପୁର ପାଇଁ ୩ଟି, କାଶୀପୁର ପାଇଁ ୫, ଚନ୍ଦ୍ରପୁର ପାଇଁ ୩, ମୁନିଗୁଡା ପାଇଁ ୩, ବିଷମ କଟକ ପାଇଁ ୩, ଗୁଣୁପୁର ପାଇଁ ୪, ପଦ୍ମପୁର ପାଇଁ ୩, ଗୁଡାରି ପାଇଁ ୩ଟି ବସ୍ ଚଳାଚଳ କରିବ। ଏବେ ପଞ୍ଚାୟତରୁ ବ୍ଲକ୍‌କୁ ବସ୍ ସେବା ଯୋଡ଼ି ହେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକରୁ ଜିଲାକୁ ବସ୍ ଚଳାଚଳ କରିବାର ଥିଲେ ମଧ୍ୟ ସରକାର ବର୍ତ୍ତମାନ ଏହାକୁ ସ୍ଥଗିତ ରଖିଥିବା ରାୟଗଡା ଆରଟିଓ ଚୌଧୁରୀ କହିଛନ୍ତି । ସବୁ ବ୍ଲକର ବସଷ୍ଟାଣ୍ଡ ଗୁଡିକରୁ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ଦ୍ୱାରା ବସ୍ ସେବା ପରିଚାଳନା କରାଯିବାର ଯୋଜନା ରହିଛି। ବସ୍‌ରେ ଯାତ୍ରା ସମୟରେ ୧୦କିମିକୁ ସର୍ବନିମ୍ନ ମୂଲ୍ୟ ୫ଟଙ୍କା ରଖାଯାଇଛି। ଏକ ବେସରକାରୀ ସଂସ୍ଥା ଚାଟେଡ୍ ସ୍ୱିଡ୍ ଲିମିଟେଡ୍ ଏହାର ଅପରେଶନ୍ ଏବଂ ପରିଚାଳନା ଦାୟିତ୍ୱ ବହନ କରିବେ ଏବଂ ସରକାରୀସ୍ତରରେ ଆରଟିଓ ଏହାକୁ ପର୍ଯ୍ୟବେକ୍ଷଣ କରିବେ ବୋଲି ଜଣାପଡିଛି।

# ବିଜ୍ଞାନ ମେଳାରେ ୫୫ ପ୍ରକଳ୍ପ ପ୍ରଦର୍ଶନ

ଗୁଡ଼ାରି, ୨୦।୧୧ (ପ୍ରମୋଦ କୁମାର ପତି)

ଗୁଡ଼ାରି ସରକାରୀ ହାଇସ୍କୁଲ ପରିସରରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ ଏହି ମେଳାର ଶୁଭାରମ୍ଭ କରିଥିଲେ । ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୫ ଛାତ୍ରୀଛାତ୍ର ପ୍ରକଳ୍ପ ମାଧ୍ୟମରେ ନିଜ ପ୍ରତିଭା ପରିପ୍ରକାଶ କରିଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାଂଗୁଡା ରୂପା ମାଝି, ଦୁଷ୍ମନ୍ତ କୁମାର ମିଶ୍ର, ନବକୃଷ୍ଣ ଗାମଙ୍ଗ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ। ପିଲାମାନଙ୍କ ବୈଜ୍ଞାନିକ ମନୋବୃତ୍ତିର ଅଭିବୃଦ୍ଧି ଓ ସୃଜନଶୀଳ ବିକାଶ ସହ ବିଜ୍ଞାନର ସତ୍ୟତାକୁ ବ୍ୟବହାର କରି ଦୈନନ୍ଦିନ ଜୀବନରେ ତାର ଉପଯୋଗିତାକୁ ପ୍ରତିଫଳନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ କହିଥିଲେ। ବିଚାରକ ଭାବେ ଢେପାଗୁଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପି . ବାସୁଦେବ, ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସଂଘମିତ୍ରା ମହାରଣା ଓ ବିରିସା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଉତ୍ସାହିତ କରାଯାଇଥିଲା । ଅନୁଷ୍ଠିତ ବିଜ୍ଞାନ ମେଳାରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ୩ ଜଣ ଓ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରୁ ୨ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଥିଲେ।




ବିଜ୍ଞାନ ମେଳାରେ ବିଇଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ରାୟଗଡା, ୨୦।୧୧ (ଭାଗ୍ୟଶ୍ରୀ ମିଶ୍ର )

ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଛି। ଚଳିତ ବର୍ଷ ପାଣି ଅଭାବରୁ ଧାନ ଫସଲ ନଷ୍ଟ ହେବାକୁ ବସିଥିବାବେଳେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ କାଶୀପୁର ବ୍ଲକ ସିରିପାଇ ପଞ୍ଚାୟତର ସିକପାଇ ଗ୍ରାମ ଚାଷୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏ ନେଇ ବିଭଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଚାଷୀମାନେ ।

**ପାଣି ଅଭାବରୁ ୨୦୦ ଏକର ଜମିରେ ଧାନ ଫସଲ ନଷ୍ଟ**

କାଶୀପୁର ବ୍ଲକ ସିରିପାଇ ପଞ୍ଚାୟତର ସିକପାଇ ଗ୍ରାମର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଧାନ ଚାଷ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଚେକ ଡ୍ୟାମ ଯୋଗେ ଚାଷ ଜମିକୁ ପାଣି ଆସୁଥିବାରୁ ଫସଲ ଅମଳ ଭଲ ହେଉଥିଲା। ହେଲେ ଚଳିତ ବର୍ଷ ବର୍ଷା ପାଣି ମାଡି ଯିବା ଯୋଗୁ ଚେକ୍‌ଡ୍ୟାମ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି । ଫଳରେ ଜମିକୁ ଡ୍ୟାମ୍ ପାଣି ଆସୁ ନ ଥିବାରୁ ଧାନ ଚାଷ ହୋଇଥିବା ପ୍ରାୟ ୨୦୦ ଏକର ଧାନ ଚାଷ ନଷ୍ଟ ହୋଇଯାଇଥିବା ଚାଷୀମାନେ କହିଛନ୍ତି । ଜିଲା ପ୍ରଶାସନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ତୁରନ୍ତ ଚେକ ଡ୍ୟାମ ନିର୍ମାଣ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ପାଇଁ ଦାବି କରିଛନ୍ତି ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ରାୟଗଡା, ୨୦।୧୧ (ଭାଗ୍ୟଶ୍ରୀ ମିଶ୍ର )

ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ପରିସରରେ ସୋମବାର ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ 'ମତଦାନର ମହାନତା' ବିଷୟରେ ଅନୁଷ୍ଠିତ ଆଲୋଚନାରେ ରାୟଗଡା ସମେତ ବିଭିନ୍ନ ସ୍ଥାନରୁ ଆସି ପଢୁଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବ ବର୍ଗଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜୀକରଣ କରାଯାଇଥିଲା। ରାୟଗଡା ବ୍ଲକ ଜିପିଇଓ ଗୋପାଳ ପଣ୍ଡା, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସେଞ୍ଚୁରିଆନ ସ୍କୁଲ ଅଫ ଫାର୍ମାସିର ଅଧ୍ୟକ୍ଷ ଡ. ଚନ୍ଦ୍ର ଶେଖର ପାତ୍ର, ସହକାରୀ ପ୍ରଫେସର ସୁଶ୍ରୀ ପଲ୍ଲୀଶ୍ରୀ, ବୁଥ୍ ସ୍ତରୀୟ ଅଧିକାରୀ ଚିନ୍ତାମଣି ବେହେରା ଓ ମହେନ୍ଦ୍ର ବିଭୋର ପ୍ରମୁଖ ଯୋଗଦେଇ ମତଦାନର ମହାନତା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମତଦାନ ଅତି ମୂଲ୍ୟବାନ ଶୀର୍ଷକ ଉପରେ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବପିଢି ସଚେତନ ହେଲେ ହିଁ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରକାଶ କରିଛନ୍ତି।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅପମାନ

ରାୟଗଡ଼ା, ୨୦।୧୧ (ଆଶିଷ ରଞ୍ଜନ ପଣ୍ଡା)

ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨ଦିନ ଧରି ଜିସିଡ଼ି ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା । ମେଳା ସମୟରେ ଜଗନ୍ନାଥ ପ୍ରଭୁଙ୍କ ପ୍ରତିମୂର୍ତି ରଖି ପୂଜା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ହେଲେ ମେଳା ସରିବା ପରେ ଚତୁର୍ଦ୍ଧାମୂର୍ତିଙ୍କୁ ଅପମାନ କରାଯାଇଥିବା ଦେଖିବାକୁ ମିଳିଛି। ମେଳା ଆରମ୍ଭ ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦୀପ ଓ ଧୂପ ଦେଇ ପୂଜା କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ହେଲେ ରବିବାର ମେଳା ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମ୍ମାନ ଜଣାଇ ସେଠାରୁ କାଢ଼ି ନେବା ବଦଳରେ ଧୂଳି ଓ ଭଙ୍ଗା ଟେବୁଲ୍ ଉପରେ ରଖାଯାଇଥିଲା। ମତ୍ସ୍ୟ ବିଭାଗ ଓ ପ୍ରାଣୀସମ୍ପଦ ବିଭାଗୀୟ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ନୀରବ ରହିଥିବା ଦେଖିବାକୁ ମିଳିଥିଲା । ୫ ଲକ୍ଷ ୬୦ହଜାର ଟଙ୍କା ବ୍ୟୟରେ ଯେଉଁ ଟେଣ୍ଟ ହାଉସ ଏହି ଟେଣ୍ଟ ବାନ୍ଧିଥିଲା ତାଙ୍କ କର୍ମଚାରୀ ମେଳା ଶେଷ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଏପରି ଅବହେଳିତ ଅବସ୍ଥାରେ ଛାଡିଯିବା ଘଟଣାକୁ ରାଜ୍ୟ ବ୍ରାହ୍ମଣ ମହାସଂଘ ଉପସଭାପତି ରଞ୍ଜନ କୁମାର ରଥ ନିନ୍ଦା କରିଛନ୍ତି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ହାଡିବନ୍ଧୁ ଭୋଇଙ୍କୁ ପଚାରିବାରୁ ରବିବାର ସନ୍ଧ୍ୟା ୫ଟା ବେଳକୁ ଆମର କାର୍ଯ୍ୟକ୍ରମ ସରିଗଲା। ତାହାପରେ କଣ ହୋଇଛି ତାହା ଟେଣ୍ଟ ହାଉସର ଦାୟିତ୍ୱ ବୋଲି ସେ କହିଥିଲେ । ଏହି ଘଟଣାର ଅନୁସନ୍ଧାନ କରାଯିବ ବୋଲି ହାଡ଼ିବନ୍ଧୁ ଭୋଇ କହିଛନ୍ତି।



ଭଙ୍ଗା ଟେବୁଲ ଉପରେ ଥିବା ଚତୁର୍ଦ୍ଧାମୂର୍ତ୍ତି।

# ରାମନାଗୁଡ଼ାରେ ୪୬ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ରାୟଗଡା, ୨୦।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ୪୬ଟି ଅଭିଯୋଗର ଶୁଣାଣି କରିଥିଲେ। ପିଡି ନରେନ୍ଦ୍ର କୁମାର ନାୟକ, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ତହସିଲଦାର ନିର୍ମଳ ଚନ୍ଦ୍ର ସାହୁଙ୍କ ସମେତ ଜିଲାର ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ ୪୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଅଭିଯୋଗଥିଲା ବେଳେ ୧୦ଟି ସାମୂହିକ ଅଭିଯୋଗ ଥିଲା। ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ଶୁଣି ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାମନାଗୁଡା ଥାନା ଅଧିକାରୀ ସୁନୀତା ବେହେରା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଅଧିକାରୀମାନେ ବିଭିନ୍ନ ଅଭିଯୋଗର ଶୁଣାଣି କରୁଛନ୍ତି।

# ବିଧାୟକ ପ୍ରାର୍ଥୀ ଲାଗି ଅବିନାଶ ଗମାଙ୍ଗଙ୍କ ଟିକେଟ୍ ପାଇଁ ଆବେଦନ

**ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ଗୁଣପୁର, ୨୦।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ଯୁବନେତା ଅବିନାଶ ଗମାଙ୍ଗ ସୋମବାର ସ୍ଥାନୀୟ ଡାକ ବଙ୍ଗଳାଠାରେ ବିଧାୟକ ପ୍ରାର୍ଥୀ ଟିକେଟ ପାଇଁ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କ ନିକଟରେ ଆବେଦନ କରିଛନ୍ତି । ଏହି ସମୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କେତକୀ ଗମାଙ୍ଗ, ବରିଷ୍ଠ ନେତା ରଘୁ ପାତ୍ର, ଯୁବ କଂଗ୍ରେସ ଉପସଭାପତି ଏସ୍‌ସି ସେଲର ରୁନା ବାଉରୀ, ଓବିସି ସେଲ୍ ସଭାପତି ମନୋରଞ୍ଜନ ଗୌଡ଼, ଅନୁସୂଚିତ ଜନଜାତି ସଂଯୋଜକ ତରଣୀସେନ ଶତପଥି, ଜିଲା ପରିଷଦ ସଦସ୍ୟା କୁନି ନିମାଳା, ଗୌରୀ ତ୍ରିପାଠୀ, ନଗର ସଭାପତି ଘାସି ବାଉରୀ, ଜିଲା କଂଗ୍ରେସ କମିଟି ସଧାରଣ ସମ୍ପାଦକ ଉନା ଫକିର ମୋହନ, ରଣଜିତ ଗାଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ସେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗଙ୍କ ମାଧ୍ୟମରେ ବିଧାୟକ ଟିକେଟ ନିମନ୍ତେ ଆବେଦନ କରଛନ୍ତି। ଏଥି ପୂର୍ବରୁ ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗା, ସତ୍ୟଜିତ ଗମାଙ୍ଗ ପ୍ରମୁଖ ବିଧାୟକ ଟିକେଟ ପାଇଁ ଆବେଦନ କରିଛନ୍ତି।



ବିଧାୟକ ପ୍ରାର୍ଥୀ ପାଇଁ ଅବିନାଶ ଗମାଙ୍ଗ ଆବେଦନ କରୁଛନ୍ତି ।

# ବାଲିଗୁଡ଼ା ଦେଇ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

ରାୟଗଡ଼ା, ୨୦।୧୧ (ଆଶିଷ ରଞ୍ଜନ ପଣ୍ଡା)

**କାପୁଗୁଡ଼ାଠାରୁ କାହ୍ନୁଗୁଡ଼ା ରାସ୍ତା ପାଇଁ ମିଳିଛି ଅନୁମୋଦନ**

କାଶୀପୁର ବ୍ଲକ୍‌ର କାପୁଗୁଡ଼ାଠାରୁ କାହ୍ନୁଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଉକ୍ତ ରାସ୍ତାକୁ ବାଲିଗୁଡ଼ା ଗ୍ରାମ ମଧ୍ୟ ଦେଇ ନିର୍ମାଣ କରିବାକୁ ବାଲିଗୁଡ଼ାବାସୀ ଦାବି କରିଛନ୍ତି । ଏ ନେଇ ବାଲିଗୁଡ଼ା ଅଞ୍ଚଳବାସୀ ସୋମବାର ରାୟଗଡ଼ା ଆସି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରିଛନ୍ତି । ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ରଇତ କହିଛନ୍ତି।

ପ୍ରକାଶ ଥାଉକି, କାପୁଗୁଡ଼ାଠାରୁ କାହ୍ନୁଗୁଡ଼ା ରାସ୍ତା ନିର୍ମାଣ ପାଇଁ ଏକ ଅନୁମୋଦନ ରହିଛି। ତେବେ ଏହି ରାସ୍ତା କାପୁଗୁଡ଼ାଠାରୁ କାହ୍ନୁଗୁଡ଼ାକୁ ସିଧାସଳଖ ରାସ୍ତା ନିର୍ମାଣ କରାଗଲେ ବାଲିଗୁଡ଼ା ଗ୍ରାମବାସୀଙ୍କ ବହୁ ଚାଷ ଜମି, ବଗିଚା ନଷ୍ଟ ହୋଇଯିବ। ତେଣୁ ଉକ୍ତ ରାସ୍ତାକୁ ବାଲିଗୁଡ଼ା ଗ୍ରାମ ମଧ୍ୟ ଦେଇ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟପକ୍ଷରେ ବାଲିଗୁଡ଼ା ଗ୍ରାମ ମଧ୍ୟ ଦେଇ ରାସ୍ତା ନିର୍ମାଣ କରିବାକୁ କାହ୍ନୁଗୁଡ଼ା ଗ୍ରାମବାସୀ ବିରୋଧ କରୁଛନ୍ତି। ଫଳରେ କାମ ପାଇଥିବା ସମ୍ପୃକ୍ତ ଠିକାଦାର ଦ୍ୱନ୍ଦ୍ୱରେ ରହି ରାସ୍ତା ନିର୍ମାଣ କାମ ବନ୍ଦ କରିଦେଇଛନ୍ତି। ଏ ନେଇ କୌଣସି ସୁଫଳ ନ ମିଳିବାରୁ ବାଲିଗୁଡ଼ା ଗ୍ରାମବାସୀ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମଇନା ନାଏକ, ମଥାମଣି ନାଏକ, ପବିତ୍ର ନାଏକ, ଚୈତନ୍ୟ ନାଏକ, ଦୁର୍ଯ୍ୟୋଧନ ନାଏକ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଗ୍ରାମବାସୀଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା

ପଦ୍ମପୁର, ୨୦।୧୧ (ପ୍ରଶାନ୍ତ କୁମାର କର)

**ପଦ୍ମପୁରରେ ଗ୍ରାମ ପଞ୍ଚାୟତ ସମିତି ବୈଠକ**

ପଦ୍ମପୁର ବ୍ଲକ୍ ସଦଭାବନା ସଭାଗୃହଠାରେ ସୋମବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ଗ୍ରାମ ପଞ୍ଚାୟତ ଅଧିକାରୀ ବିଜୟ କୁମାର ରାଜଗୁରୁ, ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ ଓ ଡରଗିନ ଶବର ପ୍ରମୁଖ ଯୋଗଦେଇ ପଦ୍ମପୁର ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୫ରେ କଭଳି ସରକାରଙ୍କ ପ୍ରଦତ୍ତ ଲକ୍ଷ୍ମୀ ବସ୍ ଯାତାୟାତ କରିବ, ବ୍ଲକର ଏନଆର୍‌ଜିଏ କାର୍ଯ୍ୟ କିଭଳ ସଠିକ ଭାବେ ସମ୍ପାଦିତ ହେବ, ଗ୍ରାମ ପଞ୍ଚାୟତର ଉନ୍ନତିକରଣ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଘରେ ଘରେ ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ବସୁଧା ଯୋଜନା, ନଳକୂପ ମରାମତି ପାଇଁ ଆବଶ୍ୟକୀୟ କାରିଗରଙ୍କୁ ଓର୍‌ମାସ ତରଫରୁ ତାଲିମ, ପଞ୍ଚାୟତର ସଫେଇ, ପ୍ରତ୍ୟେକ ଘରକୁ ପାଇଖାନା ନିର୍ମାଣ ଆଦି ଉପରେ ଆଲୋଚନା ହୋଇଥିଲା।



ପଞ୍ଚାୟତ ସମିତି ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

ବୈଠକରେ ପଦ୍ମପୁର ବିଡିଓ ସୁଜିତ୍ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ରହିଲେ ପ୍ରଶାସନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେଇପାରିବେ ବୋଲି କହିଥିଲେ। ସେହିପରି ପଦ୍ମପୁର ବ୍ଲକ କଲୋନୀଠାରେ ଭଗ୍ନ ଅବସ୍ଥାରେ ଥିବା ମାର୍କେଟ ଗୃହ ବର୍ଷାଦିନେ ପାଣିରେ ଭର୍ତ୍ତି ହୋଇଯାଉଥିବାରୁ କିଭଳି ପୁନଃ ଉଦ୍ଧାର କରାଯିବ ଓ ପଦ୍ମପୁର ସୁନାରି ଘାଇ ଛକ ନିକଟରେ ମୋ ପଦ୍ମପୁର ଲେଖାଥିବା ଲୋଗୋ ଜାଗା ଚିହ୍ନଟ କରି ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାରେ ପ୍ରାଣୀ ସମ୍ପଦ ଅଧିକାରୀ ମାଛଚାଷ, ଛେଳି, କୁକୁଡ଼ା ପାଳନ, ତଥା ବାଉଁଶ କାରିଗରୀ, ଲାଖ ହସ୍ତଶିଳ୍ପ, ମୂର୍ତ୍ତି କାରିଗରୀ ଉପରେ ଲୋକେ କିଭଳି ଲାଭବାନ ହେବେ ସେ ନେଇ ଆଲୋଚନା କରିଥିଲେ। ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି ପଦ୍ମପୁର ପଞ୍ଚାୟତର ସିସି ରାସ୍ତା, ନାଳ ନର୍ଦ୍ଦମା ସଫେଇ କରିବା ଏବଂ ବସୁଧା ଯୋଜନାରେ ଘରକୁ ଯୋଗାଇ ଦିଆଯାଇଥିବା ପାଣି ପାଇପ ଫାଟି ନଷ୍ଟ ହୋଇଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ, ଡେରିଗା ସମିତି ସଭ୍ୟ ତୁଇକା ସହଦେବ, ଜାଣିଲି ସମିତି ସଭ୍ୟ ମଣିମାଳା ଶବରଙ୍କ ସହ ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ଡେରିଗା ସରପଞ୍ଚ ମାଗୁଣି ଶବର, ଗୁଡିଆବନ୍ଧ ସରପଞ୍ଚ ଶୁଭଦ୍ରା ଶବର, ଖିଲାପଦର ସରପଞ୍ଚ ଉଷାମଣି ଗମାଙ୍ଗ, ଖମାପଦର ସରପଞ୍ଚ କେଶରୀ ଶବର, ଗୁଲୁଗୁଡା ସରପଞ୍ଚ ଷଣ୍ଢ ଗମାଙ୍ଗ, ନୂଆଗଡ ସରପଞ୍ଚ ମମିତା ମାଝୀ, ତମ୍ପାଗୁଡା ସରପଞ୍ଚ ସିଧେଶରୀ ଶବର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଯୋଗାଣ ବିଭାଗ ଅଧିକାରୀ ପ୍ରଭାକର ମଲ୍ଲିକ, ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସସ୍ମିତା ରଥ, ଆର୍‌ଡି ଯନ୍ତ୍ରୀ ସୈଲେନ କୁମାର ମହାପାତ୍ର, କୃଷି ଅଧିକାରୀ ସଂଜୀବ ସାହୁ, ମିଶନ ଶକ୍ତି ବ୍ଲକ କୋର୍ଡିନେଟର ସୁନୀଲ କୁମାର ମିଶ୍ର, ଗ୍ରାମ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ଅଜୟ ମାଝୀ, ବ୍ଲକ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବେର, ଏପିଓ ସୁଜିତ ଶବରଙ୍କ ସମେତ ବହୁ ସରକାରୀ ଅଧିକାରୀ ଯୋଗ ଦେଇଥିଲେ।

**ଗୋପାଷ୍ଟମୀ ପାଳିତ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁରରେ ସୋମବାର ଗୋପାଷ୍ଟମୀ ପାଳିତ ହୋଇଛି । କୁନ୍ଦାରିଗୁଡାସ୍ଥିତ ମହର୍ଷି ସନ୍ଦିପନୀ ଗୋଶାଳାରେ ଏହି ଅବସରରେ ବିଶ୍ୱଶାନ୍ତି ହୋମ କରାଯାଇ ଗୋ-ପୂଜା କରାଯାଇଥିଲା। ଗୋଶାଳାରେ ବିଧାୟକ ତାରାପ୍ରସାଦ ବାହିନୀପତି ପହଞ୍ଚି ଗୋ ସେବା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ ନାୟକ, ରାଜପାଲ ଖୁରାନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳର ପ୍ରତିଭାକୁ ବିକଶିତ ଲକ୍ଷ୍ୟ

## ଓଡ଼ିଶୀ, ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମଞ୍ଚ




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଉମରକୋଟ, ୨୦।୧୧(ସନ୍ତୋଷ ଶତପଥୀ)**

ଉମରକୋଟ ପେଣ୍ଡ୍ରାଣୀ ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କରାଯାଇଛି। ଏହି ଉପଲକ୍ଷେ କଲେଜ ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ପାରମ୍ପରିକ ବେଶ ପୋଷାକରେ ଅଧିକାଂଶ ଛାତ୍ରୀଛାତ୍ର ଢେମ୍‌ସା, ରସରକେଲି, ଧାଙ୍ଗଡି ନାଚ ଆଦି ପରିବେଷଣ କରିଥିଲେ। ପିଲାଙ୍କ ନୃତ୍ୟରେ ମଞ୍ଚ ପ୍ରକମ୍ପିତ ହୋଇ ଉଠିଥିଲା। ସାମଗ୍ରିକ କାର୍ଯ୍ୟକ୍ରମରେ ୪୦୦ ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ଅପରାଧ ରୋକିବା ପାଇଁ ସଚେତନ କାର୍ଯ୍ୟକ୍ରମ କରାଯାଇଛି। ପୌରପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ, କାଉନସିଲର ଭିକି ନାୟକ, ନରେନ୍ଦ୍ର ନାୟକ, ବିଧାୟକ ପ୍ରତିନିଧି ଅରୁଣ ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପାଠପଢା ସହ ସାଂସ୍କୃତିକ ଦକ୍ଷତା ପ୍ରତିପାଦନ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ଅନିଲ କୁମାର ମିଶ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୋଡାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର ଓ ଯୁକ୍ତ ୨ ନୋଡାଲ ଅଫିସର ଡ. ଶେଷାନନ୍ଦ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ଧର୍ମେନ୍ଦ୍ର, ସୁରଭିଦାସ, ରିତୁଦୋରା, ଆଡୁ କିସାନି ଓ ଅଶୋକ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାପକ ଦିବାକର ପଟ୍ଟନାୟକ ଓ ସମୀର ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ

**କୋଡ଼ିଙ୍ଗା,୨୦।୧୧(ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜା ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନ ଅଧ୍ୟକ୍ଷା ଅମିତା ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ଜିଲା ପରିଷଦ ସଭ୍ୟ କ୍ଷୀରଦ ନାୟକ, ସମିତି ସଭ୍ୟ କେମରାଜ ଦିଶାରୀ, କୋଡିଙ୍ଗା ଭାରପ୍ରାପ୍ତ ତହସିଲଦାର ସଞ୍ଜୀବ କୁଲୁ, କୋଡିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୋଡିଙ୍ଗା ଏଏସ୍‌ଆଇ ପ୍ରଦୀପ ବାଘ, କାର୍ଯ୍ୟକ୍ରମ ନୋଡାଲ ଅଫିସର ଅଧାପକ ବିବେକ କୁମାର ମହାଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜା ଚାଉଁରିଆଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗ୍ରାମାଞ୍ଚଳର ପ୍ରତିଭାକୁ ବିକଶିତ କରିବା ନେଇ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ କରୁଛନ୍ତି ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ, ସାମାଜିକ ଓ ଖେଳକୁଦ ପ୍ରତିଯୋଗିତା କରାଯିବ। କୃତୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଅଧାପକ, କର୍ମଚାରୀ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟ ସହାୟତାରେ ଆୟୋଜିତ କରାଯାଉଛି।



କୋଡିଙ୍ଗାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଚାଉଳ ଗୁଣବତ୍ତାକୁ ନେଇ ଚିନ୍ତାରେ ମିଲର

**ନବରଙ୍ଗପୁର,୨୦।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଯୋଗାଣ ବିଭାଗ ପକ୍ଷରୁ ସଂଗ୍ରହ କରାଯାଉଥିବା ଚାଉଳର ଗୁଣବତ୍ତା ନେଇ କେନ୍ଦ୍ରୀୟ ପ୍ରତିନିଧୀ ଦଳର ଏକ ଟିମ୍ ପରୀକ୍ଷା କରିଥିଲେ। ଏହି ଟିମ୍ ଚାଉଳର ମହଜୁଦ ପରିମାଣ, ଫୁଡ୍ ଲାଇସେନସ୍, ବାର କୋଡ, ଫେରଟିଲାଇଜଡ୍ ଚାଉଳ ସମ୍ପର୍କରେ ତଦନ୍ତ କରିବା ପରେ ନମୂନା ସଂଗ୍ରହ କରିଥିଲେ। ଏବେ ଏହି ଚାଉଳ ମାନର ରିପୋର୍ଟରେ ଫରଟିଫାଇଡ ଚାଉଳ ଆବଶ୍ୟକ ମାନଠାରୁ କମ ଥିବା ଜଣାପଡିଛି। ଗ୍ରହଣ କରିଥିବା ନମୁନା ମଧ୍ୟରୁ ଏଫ୍‌ସିଆଇ, କେନ୍ଦ୍ରୀୟ ଚାଉଳ ଗୋଦାମ ଓ ରାଜ୍ୟ ଚାଉଳ ଗୋଦାମର ମୋଟ ୫୬ ଲାଟ୍ ଚାଉଳରେ ଫରଟିଫାଇଡ ଚାଉଳର ଆବଶ୍ୟକ ମାଇକ୍ରୋ ନ୍ୟୁଟ୍ରେଣ୍ଟ କମ୍ ରହିଛି। ଚାଉଳ ଫେରାଇ ନେବାକୁ ଉକ୍ତ କେନ୍ଦ୍ରୀୟ ଟିମ୍ ଚିଠି କରିଥିବା ଜଣାପଡିଛି। ଏହି ୫୬ ଲାଟ୍ ଚାଉଳର ପରିମାଣ ୧୬ ହଜାର ୨୪୦ କୁଇଣ୍ଟାଲ ବୋଲି ଜଣାପଡିଛି। ଏହି ଚାଉଳ ଫେରାଇ ପୁଣି ଫରଟିଫାଇଡ ଯୁକ୍ତ ଚାଉଳ ଫେରାଇବା ପାଇଁ ଚିଠି ହୋଇଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ଏହି ଚାଉଳ ଫେରାଇବା ପରେ ଏହାକୁ ଅଲଗା ରଖାଯିବ। ପୁଣି ଥରେ ଏକ ଯୁଗ୍ମ ଟିମ୍ ଆସି ପରୀକ୍ଷା କରିବା ପରେ ଉକ୍ତ ଚାଉଳକୁ ସରକାରୀଭାବେ ସଂଗ୍ରହ କରାଯିବ।

**ଫରଟିଫାଇଡ୍ ଚାଉଳର ଆବଶ୍ୟକ ମାନଠାରୁ କମ**

ସୂଚନାନୁଯାୟୀ, ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଗୁଣବତ୍ତା ନିୟନ୍ତ୍ରଣ କକ୍ଷ ପକ୍ଷରୁ ବୈଷୟିକ ଅଧିକାରୀ ପୁନିଥ କୁମାର ସିଏଚ୍, ପ୍ରଭାକରନ ପି, ଜୟପୁର ଏଫ୍‌ସିଆଇ ଗୁଣବତ୍ତା ନିୟନ୍ତ୍ରଣ କକ୍ଷର ଏଜିଏମ୍ ମନିଶ ଦେବ ପ୍ରତାପ ନବରଙ୍ଗପୁର ସହରରେ ଥିବା ଏଫସିଆଇ, କେନ୍ଦ୍ରୀୟ ଚାଉଳ ଗୋଦାମ ଓ ରାଜ୍ୟ ଚାଉଳ ଗୋଦାମ ସମେତ କେତେକ ମିଲ୍ ଓ ଚାଉଳ ବଣ୍ଟନ କେନ୍ଦ୍ରକୁ ଯାଇ ଗଚ୍ଛିତ ଚାଉଳର ମାନ ପରୀକ୍ଷା କରିଥିଲେ। ସେଠାରେ ତେବେ ଏହି ଟିମ୍ କେବଳ ନବରଙ୍ଗପୁର ସହରର ଗୋଦାମରୁ ଚାଉଳ ପରୀକ୍ଷା କରିଥିବାବେଳେ ଜିଲାର ଅନ୍ୟ ସ୍ଥାନର ଗୋଦାମଗୁଡିକ ତଦନ୍ତ କରିନାହାନ୍ତି। ଏବେ ସୁଦ୍ଧା ଜିଲାର ମୋଟ ୮୬ ମିଲର ମଧ୍ୟରୁ ୪୭ ମିଲର ଶତ ପ୍ରତିଶତ ଚାଉଳ ଫେରାଇଛନ୍ତି। ସୁଦ୍ଧା ୩୯ ମିଲର ୧ ଲକ୍ଷ ୩୧ ହଜାର ୫୮୦ କୁଇଣ୍ଟାଲ ଚାଉଳ ଫେରାଇ ନାହାନ୍ତି। ସେଥିମଧ୍ୟରୁ ୬ ମିଲର ୭୦ ପ୍ରତିଶତରୁ କମ ଚାଉଳ ପ୍ରଦାନ କରିଛନ୍ତି। ଏବେ କଷ୍ଟମ ମିଲିଂ ଚାଉଳ ଫେରାଇ ନ ଥିବା ବେଳେ ପୁଣି ଥରେ ଫରଟିଫାଇଡ୍‌ଯୁକ୍ତ ଚାଉଳ କମ ମାନକୁ ନେଇ ବଦଳାଇବା ପାଇଁ ଆସିଥିବା ଚିଠିକୁ ନେଇ ଚିନ୍ତାରେ ମିଲରମାନେ।

## ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା

**ଉମରକୋଟ, ୨୦।୧୧(ସନ୍ତୋଷ ଶତପଥୀ)**

ପ୍ରଜ୍ଞାନ ମିଶନ ଅନୁଷ୍ଠାନ ପକ୍ଷରୁ ଉମରକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବ୍ଲକସ୍ତରୀୟ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ବିଶ୍ୱହିନ୍ଦୁ ପରିଷଦର ଜିଲା ସଂଯୋଜକ ସୁନୀଲ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଗୋପାଳ ମହାରଣା ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଭଣ୍ଡାରୀଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବାବୁରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଦେବେନ୍ଦ୍ର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବକୋଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଶିବଶଙ୍କର ପତି ପ୍ରତଯୋଗିତା ନିୟମ ସମ୍ପର୍କରେ ଅବଗତ କରାଇଥିଲେ। କୋପେନା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅନନ୍ତ ଚରଣ ସେନାପତି, ବେହେଡ଼ା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବୈକୁଣ୍ଠ ସେନାପତି, ନୂଆଗୁଡ଼ା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପତି, ଉମରକୋଟ ବାଳିକା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ରାଧାଗୋବିନ୍ଦ ପରିଡା, ଏସ.ଏସ. ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସଚିନ ସଦାଗୋପନ ସାହୁ ଓ ଶିକ୍ଷୟିତ୍ରୀ ଅନିମା କର ବିଚାରକ ଦାୟିତ୍ୱ ତୁଲାଇଥିଲେ। ବକଦା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ମହାପାତ୍ର ଭକ୍ତି ସଙ୍ଗୀତ ଗାନ କରି ସମସ୍ତଙ୍କ ମନ ଜିଣିଥିଲେ। ପ୍ରତିଯୋଗିତାର 'କ' ବିଭାଗରେ ଅର୍ପିତା ମିଶ୍ର ପ୍ରଥମ, ଶ୍ରଦ୍ଧାସୁମନ ମହାପାତ୍ର ଦ୍ୱିତୀୟ ଓ ତିଳୋତ୍ତମା ଦାସ ତୃତୀୟ, 'ଖ' ବିଭାଗରେ ଅନନ୍ତ କୁମାର ତ୍ରିପାଠୀ ପ୍ରଥମ, ସାଇ ଅନୁଷ୍କା ମହାରଣା ଦ୍ୱିତୀୟ ଓ ଆଦ୍ୟାଶା ତ୍ରିପାଠୀ ତୃତୀୟ, 'ଗ' ବିଭାଗରେ ସ୍ମୃତିସ୍ନିଗ୍ଧା ପଟ୍ଟନାୟକ ପ୍ରଥମ, ଖୁସିରାଣୀ ସାହୁ ଦ୍ୱିତୀୟ ଓ କେଶରୀ ତେଲଟିଆ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଭଗବଦ୍ ଗୀତା ପ୍ରଦାନ କରାଯାଇଛି। ଅଧିକାରୀଗୁଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଞ୍ଜନ ଜେନା ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ସହଯୋଗୀ ଅଜିତ ସ୍ୱାଇଁ ଓ ବିଶ୍ୱ ହିନ୍ଦୁ ପରିଷଦର ଏଲ୍. ଭାସ୍କର ପାତ୍ର, ଅଶୋକ ପାତ୍ର, ଭାସ୍କର ମହାପାତ୍ର, ମାନସ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଥିଲେ।



କୃତୀ ପ୍ରତିଯୋଗୀ, ବିଚାରକ ମଣ୍ଡଳୀ ଓ ଶିକ୍ଷୟିତ୍ରୀ ଶିକ୍ଷକ।

## ଡ୍ରେନ୍‌ରେ ପଶିଗଲା ସିମେଣ୍ଟ ବୋଝେଇ ଟ୍ରକ୍

### ଭାଙ୍ଗିଗଲା ନଳା ଉପରେ ପଡ଼ିଥିବା ପ୍ଲେଟ

**ଉମରକୋଟ, ୨୦।୧୧(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ସହର ଡିଏନ୍‌କେରେ ଆଇ ଲଭ ଉମରକୋଟ ସେଲଫି ପଏଣ୍ଟ ସମ୍ମୁଖରେ ଥିବା ଡ୍ରେନ୍‌ରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପଶିଯାଇଛି। ଖବର ପାଇ ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସୂଚନାନୁଯାୟୀ ସୋମବାର ସନ୍ଧ୍ୟା ୭ଟାରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ (ସିଜି-୦୪ଏମ୍ଏକ୍ସ-୧୭୦୬) ରାଇପୁରରୁ ମାଲକାନଗିରି ଯାଉଥିଲା। ଟ୍ରକ୍ ଡ୍ରାଇଭର କୌଣସି କାରଣ ଯୋଗୁ ସେଲ୍‌ଫି ପଏଣ୍ଟ ସମ୍ମୁଖରେ ନିର୍ମାଣ ହୋଇଥିବା ଡ୍ରେନ ଉପରେ ଟ୍ରକ୍ ପାର୍କିଂ କରୁଥିଲେ। ଏହି ସମୟରେ ପ୍ଲେଟ ଭାଙ୍ଗିଯାଇ ଟ୍ରକ୍‌ଟି ଡ୍ରେନ ଭିତରେ ପଶି ଯାଇଥିଲା। ପୌର ପରିଷଦ



ପକ୍ଷରୁ ନୋ ପାର୍କିଂ ବୋର୍ଡ ମରାଯାଇ ନ ଥିବାରୁ ଗାଡ଼ି ଚାଳକ ଡ୍ରେନ ଉପରେ ପଡିଥିବା କଭର ପ୍ଲେଟ ଉପରେ ମାଲ ବୋଝେଇ ଟ୍ରକ ରଖୁଥିଲେ। ଫଳରେ ଡ୍ରେନ୍‌ର କଭର ପ୍ଲେଟ ସବୁ ଭାଙ୍ଗିଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ଅଭିଯୋଗ ଶୁଣିଲେ, ସହାୟତା ଦେଲେ



ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ପାପଡ଼ାହାଣ୍ଡି, ୨୦।୧୧(ସ୍ୱପ୍ନଜିତ ପଟ୍ଟନାୟକ)**

**ପାପଡ଼ାହାଣ୍ଡିରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ଅନେକ ପେନସନ, ଆବାସ ଯୋଜନା, ଜମିଜମା ସଂକ୍ରାନ୍ତୀୟ ୪୫ ଅଭିଯୋଗ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୩୦ ବ୍ୟକ୍ତିଗତ ଓ ୧୫ ଗୋଷ୍ଠୀଗତ ସମସ୍ୟା ରହିଛି। ୧୪ ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲାପାଳ ୨ ଜଣକୁ ଟ୍ରାଇ ସାଇକେଲ, ୫ ଛାତ୍ରୀଛାତ୍ରଙ୍କୁ ବନିଶ୍ରୀ ଛାତ୍ରବୃତ୍ତି, ୫ଜଣଙ୍କୁ ବସ ପାସ୍, ୧୦ଜଣଙ୍କୁ ଆଶା ବାଡି,୧୫ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣି ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ପ୍ରକାଶ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ପାପଡାହାଣ୍ଡି ବିଡିଓ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ତପନ ନାୟକ, ବିଇଓ ସୌମେନ୍ଦ୍ର ଭୌମିକ, ବ୍ଲକଅଧ୍ୟକ୍ଷା ହେମଲତା ମାଝିଙ୍କ ସହ ଜିଲା ତଥା ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଟ୍ରକ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଉମରକୋଟ , ୨୦।୧୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟରୁ ରାଇଘର ଯିବା ରାସ୍ତାର ଯୁଭି-୬ (ବୁର୍ଜା) ଛକ ନିକଟରେ ଦୁର୍ଘଟଣା ଘଟି ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଗୁରୁତର ଅଛନ୍ତି। ମୃତକ ହେଲେ ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତ ଅଧୀନ ଚିଙ୍ଗୁଡ଼ିଗୁଡ଼ା ଗ୍ରାମର ଆଇତୁ ପହଁରା(୬୦)। ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ କାନ୍ଦିରି ଲହରା (୫୫) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ଆଇତୁ ଓ କାନ୍ଦିରି ଦୁହେଁ ବାଇକ୍ ଯୋଗେ ରାଇଘର ବ୍ଲକ ଡୁମୁରୁମୁଣ୍ଡା ଗ୍ରାମରୁ ଘରକୁ ଫେରୁଥିଲେ। ଏହି ସମୟରେ ବୁର୍ଜା ଛକ ନିକଟରେ ଏକ ଟ୍ରକକୁ ଓଭର ଟେକ କରିବାକୁ ଯାଇ ତାଙ୍କ ବାଇକ୍ ଦୁର୍ଘଟଣାର ଶୀକାର ହୋଇଥିଲା। ଘଟଣାସ୍ଥଳରେ ଆଇତୁଙ୍କ ମୃତ୍ୟୁ ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ କାନ୍ଦିରିଙ୍କୁ ଉଧାର କରି ଅଟୋ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଏବେ ତାଙ୍କ ଚିକିତ୍ସା ଚାଲିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଦୁର୍ଘଟଣା ପରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ଥିବା ସୂଚନା ମିଳିଛି।

## ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

**ତେନ୍ତୁଳିଖୁଣ୍ଟି, ୨୦।୧୧(ଚିଦାନନ୍ଦ ସାହୁ)**

- ରାସ୍ତାକଡ଼ରୁ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ଘଟଣା
- ପୋଲିସର ଖବରଦାତା ସମ୍ମିଳନୀ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଅଞ୍ଚଳର ଖାତିଗୁଡା କଲୋନୀରୁ ଶିବ ମନ୍ଦିର ଯିବା ରାସ୍ତା ପାର୍ଶ୍ୱରେ ଗତ ୧୫ ତାରିଖରେ ଟଙ୍କଧର ଦଳେଇଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ପୂର୍ବ ଶତ୍ରୁତାରୁ ନେଇ ହତ୍ୟା କରିଥିବା ସ୍ୱୀକାର କରିଛି ବୋଲି ସୋମବାର ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖର ଦଳେଇ। ସେ ମୃତ ଟଙ୍କଧରଙ୍କ ଭଉଣୀର ଦିଅର।

ସୂଚନାନୁଯାୟୀ, ୧୪ ତାରିଖରେ ଟଙ୍କଧର କାଳିପୂଜା ପାଇଁ ହେଉଥିବା ନାଟକ ଦେଖିବାକୁ ଯାଇଥିଲେ। କିନ୍ତୁ ପରଦିନ ସକାଳୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ରାସ୍ତା କଡ଼ରୁ ମିଳିଥିଲା। ପରିବାର ଲୋକେ ଥାନାରେ ଜଣାଇବା ପରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ ଡଗ ସ୍କ୍ୱାର୍ଡ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏସ୍‌ପି ରୋହିତ ବର୍ମା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ୧୦ଜଣଙ୍କୁ ପୋଲିସ ସନ୍ଦେହରେ ଆଣି ପଚରାଉଚୁରା କରିଥିଲା। ଏସ୍‌ଡିପିଓ ଅଦିତ୍ୟ ସେନଙ୍କ ନେତୃତ୍ୱରେ ଆଇଆଇସି ଅଭିମନ୍ୟୁ ଦୁର୍ଗା, ହରିଷ ଗଲୋରୀ ଘଟଣାର ତଦନ୍ତ କରୁଥିଲେ। ଅଟକ ବ୍ୟକ୍ତିଙ୍କ ମଧ୍ୟରୁ ଅଭିଯୁକ୍ତ ଚନ୍ଦ୍ରଶେଖର ଟଙ୍କଧରଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କହିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ର ଜବତ ହୋଇଥିବା ଏସ୍‌ଡିପିଓ ସେନ କହିଛନ୍ତି। ହତ୍ୟାକାରୀ ମୃତକଙ୍କ ସମ୍ପର୍କୀୟ। ତେବେ ହତ୍ୟାକାଣ୍ଡରେ ଏକାଧିକ ଲୋକେ ସମ୍ପୃକ୍ତ ଅଛନ୍ତି କହି ତଦନ୍ତ ଜୋରଦାର କରିବାକୁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି। ଅଟକ ରଖାଯାଇଥିବା ସମସ୍ତଙ୍କୁ ଛାଡ଼ି ଦିଆଯାଇଛି।



ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।

## ଜିଲାରେ ଖୋଲିବ ୭୮ ନୂତନ ଲ୍ୟାମ୍ପ୍‌ସ

**ନବରଙ୍ଗପୁରରେ ଜିଲାସ୍ତରୀୟ ସମବାୟ ମହୋତ୍ସବ**

**ନବରଙ୍ଗପୁର, ୨୦।୧୧(ସଦାଶିବ ପ୍ରହରାଜ)**



ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ।

ନବରଙ୍ଗପୁର ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ କମଳ ଲୋଚନ ମିଶ୍ର, ସମବାୟ ସମିତି ଉପନିବନ୍ଧକ ଭୀମସେନ ସାହୁ, ସମବାୟବିତ୍ ଖାଡେଶ୍ୱର ଖାଡଙ୍ଗା, ରମାକାନ୍ତ ରାଉଳ, ରାଜ୍ୟ ସମବାୟ ସଂଘ ସଭାପତି ଡ.ହେମନ୍ତ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ସମବାୟ ସାମିଲ ହୋଇ ପାରିଛି। ସମବାୟରେ ୫-ଟି ସାମିଲ କରିଲେ ତାହାର ବିକାଶ ହୋଇପାରିବ। ସମବାୟ ବ୍ୟାଙ୍କ ଶାଖା ଜିଲାରେ ଅଧିକରୁ ଅଧିକ କରାଗଲେ ଭତ୍ତା ଓ ବିଭିନ୍ନ ସରକାରୀ ଯୋଜନା ପାଇବାରେ ଲୋକଙ୍କ ସୁବିଧା ହୋଇପାରନ୍ତା। ଗାଁ ଗହଳିରେ ଚାଷୀ ଓ ଗରିବ ଲୋକଙ୍କ ବିକାଶରେ ସମବାୟ ସମିତି ସହାୟକ ହୋଇପାରୁଛି ବୋଲି ଅତିଥିମାନେ କହିଥିଲେ।

ଜିଲାରେ ୧୩ଟି ଲ୍ୟାମ୍ପ୍‌ସ ରହିଛି। ଏବେ ୭୮ଟି ଖୋଲିବ। ଆଗାମୀ ଦିନରେ ୯୧ଟି ଲ୍ୟାମ୍ପସ ନବରଙ୍ଗପୁରରେ କାର୍ଯ୍ୟକ୍ଷମ ହେବ ବୋଲି ଅତିଥି କହିଛନ୍ତି। ନବରଙ୍ଗପୁର ଜିଲାରେ ୭୮ଟି ନୂତନ ଲ୍ୟାମ୍ପ୍‌ସ ଗଠନ ହୋଇପାରିଛି। କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲାରେ ୧୩ ନୂତନ ବ୍ୟାଙ୍କ ଖୋଲିବା ପାଇଁ ଆର୍‌ବିଆଇ ଠାରୁ ଅନୁମତି ଲୋଡାଯାଇଛି। ସେଥି ମଧ୍ୟରେ ନବରଙ୍ଗପୁର ଜିଲା ଝରିଗାଁ ଓ ରାଇଘର ବ୍ଲକରେ ୨ଟି ବ୍ୟାଙ୍କ ରହିଛି। ନବରଙ୍ଗପୁର ବ୍ୟାଙ୍କ ସବୁଠାରୁ ପୁରୁଣା। ଏହି ବ୍ୟାଙ୍କର ପୁନରୁଦ୍ଧାର କରାଯିବ। ଜିଲାର ଏକ ଆଦର୍ଶ ବ୍ୟାଙ୍କରେ ତାହାକୁ ପରିଣତ କରାଯିବ। ଜିଲାର ରହିଥିବା ସମସ୍ତ ପୁରୁଣା ଲ୍ୟାମ୍ପସର ପୁନରୁଦ୍ଧାର କରାଯିବ ବୋଲି ସଭାପତି ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଜିଲା ଲ୍ୟାମ୍ପ୍‌ସଗୁଡିକରେ ଉତ୍ତମ ହିସାବ ରକ୍ଷକଭାବେ ପ୍ରଦୀପ କୁମାର ମିଶ୍ର, ଉତ୍ତମ ଅନଲାଇନ ଡିଇଓ ଭାବେ ସ୍ମୃତି ରଞ୍ଜନ ଶତପଥୀ, ରାଇଘରକୁ ଉତ୍ତମ ଲ୍ୟାମ୍ପ୍‌ସ, ଉମରକୋଟର ଅସିତ ରାୟଙ୍କୁ ଉତ୍ତମ ଏମ୍‌ଡି ଭାବେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ ସଂଯୋଜନା କରିଥିଲେ। ବିଭିନ୍ନ ସମବାୟ ସଂସ୍ଥାର ନିର୍ଦ୍ଦେଶକ ସରୋଜ ପାତ୍ର, ଭୀମ ହରିଜନ, ଶ୍ୟାମଲାଲ ବଞ୍ଜାରା, ସାଲିମଧର ଭତ୍ରା, ଅଖିଳ ଭତ୍ରା ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

**ସିଟି ହାଇସ୍କୁଲରେ ବିଜ୍ଞାନ ମେଳା**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ନେହେରୁ ନଗରସ୍ଥିତ ସିଟି ହାଇସ୍କୁଲଠାରେ ସୋମବାର ବିଜ୍ଞାନ ମେଳା ଏବଂ ଏକ ଖାଦ୍ୟମେଳା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଏ. ଶ୍ରୀନିବାସ ରାଓ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରମାନେ ୭୯ଟି ପ୍ରକଳ୍ପ ଏବଂ ୩୪ ପ୍ରକାରର ଖାଦ୍ୟ ପ୍ରଦର୍ଶନୀ କରିଥିଲେ। ମେଳାକୁ ପୌର ଉପାଧକ୍ଷ ବି. ସୁନିତା ଓ ପୂର୍ବତନ ଉପାଧକ୍ଷ ଦୁର୍ଗା ଶର୍ମା ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବି.ସୁଜାତା, ସିଟି ଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏମ.ମାଧବୀ, ଭାଇସ ପ୍ରିନ୍ସିପାଲ ସୁସ୍ମିତା ସାହୁ, ପ୍ରତାପ ପଟ୍ଟନାୟକ, ଭି. ଧର୍ମା ରାଓ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାଲ୍‌କୋର ୮ ମହାପ୍ରବନ୍ଧକଙ୍କ ପଦୋନ୍ନତି

ଦାମନଯୋଡ଼ି,୨୦।୧୧(ନରସିଂ ବ୍ରହ୍ମା)

ନବରତ୍ନ କେନ୍ଦ୍ରୀୟ ଉଦ୍ୟୋଗ ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ବିଭିନ୍ନ ବିଭାଗର ୮ଜଣ ମହାପ୍ରବନ୍ଧକଙ୍କ ପଦୋନ୍ନତି ହୋଇ ସମୂହ ମହାପ୍ରବନ୍ଧକ ହୋଇଥିବା ଜଣାପଡ଼ିଛି। ଏନେଇ ଭୁବନେଶ୍ୱର ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚପଟ୍ଟମାଳି ବକ୍ସାଇଟ ଖଣି ଅଞ୍ଚଳରୁ ପୁରୁଷୋତ୍ତମ ମହନ୍ତ(ମାଇନିଂ), ସୁରେଶ ଚନ୍ଦ୍ର ସାମଲ(ଓ ଆଣ୍ଡ୍ ଏମ), କ୍ରଶର ଓ କନଭେୟର ଦାୟିତ୍ୱରେ ଥିବା ୱାଇକେ ବସ୍କରଙ୍କୁ ପଦୋନ୍ନତି ମିଳିଛି। ସେହିଭଳି ପରିଶୋଧନ ପ୍ରକଳ୍ପର ଅମରେନ୍ଦ୍ର ମିଶ୍ର (ମାନବ ସମ୍ବଳ ଓ ପ୍ରଶାସନ), ସଦାଶିବ ପତ୍ରି(ଭିଜିଲାନ୍ସ), ଆରଏସ ରାଜୁ (ପ୍ରକଳ୍ପ), କମଳ ଲୋଚନ ଜେନା (ଓ ଆଣ୍ଡ ଏମ) ଏବଂ ଭିଏସଏସ ଆନନ୍ଦ(ସିଆରଜି)ଙ୍କୁ ପଦୋନ୍ନତି ମିଳିଛି।

### ୨୦ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର, ୨୧।୧୧(ଶଙ୍କର ପୂଜାରୀ)

କୋରାପୁଟ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ନନ୍ଦପୁର ଉପଖଣ୍ଡ ପୋଲିସ ଚଳିତ ବର୍ଷର ଅପରେଶନ ଗ୍ରୀନ କ୍ଲିନ ଆରମ୍ଭ କରିଛି। ପୋଲିସ, ରାଜସ୍ୱ, ଜଙ୍ଗଲ ଓ ଅବକାରୀ ବିଭାଗକୁ ନେଇ ମିଳିତ ଟିମ୍ ଗଠନ କରାଯାଇଛି। ସୋମବାର ଏହି ଟିମ୍ ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ମିଳିତ ଚଢ଼ାଉ କରିଥିଲା। ନନ୍ଦପୁର କୁଲାରସିଂ ପଞ୍ଚାୟତର ଲାମ୍ପି ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ାଉ କରି ଟିମ୍ ୨୦ଏକର ଜମିରେ ଚାଷ ହୋଇଥିବା ୨୦ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ନଷ୍ଟ କରିଥିବା ଜଣାପଡ଼ିଛି। ଏହାର ବଜାର ମୂଲ୍ୟ ୨୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ମହାପାତ୍ର କହିଛନ୍ତି। ଚଢାଉ ଟିମରେ ତହସିଲଦାର ଅନାଦି ଚରଣ ସାହୁ, କୋରାପୁଟ ଅବକାରୀ ନିରୀକ୍ଷକ ପ୍ରମୋଦ ବାଣୁଆ, ଅଭୟ ନାୟକ, ପାଡୁଆ ରାଜସ୍ୱ ନିରୀକ୍ଷକ, ପାଡୁଆ ବନପାଳ, ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋୟୀଙ୍କ ସହ ଡିଭିଏଫ୍ ବାହିନୀର ଯବାନମାନେ ସାମିଲ ଥିଲେ। ଗଞ୍ଜେଇ ଚାଷ ହୋଇଥିବା ଜମି ଜୋଲାପୁଟ ରିଜର୍ଭର ପାଇଁ ଉଦ୍ଦିଷ୍ଟ ପ୍ରୋଜେକ୍ଟ ଜମି ବୋଲି ଚିହ୍ନଟ ହୋଇଥିବା ତହସିଲଦାର ସାହୁ କହିଛନ୍ତି। ପାଡୁଆ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବ୍ଲକସ୍ତରୀୟ ଗାଁକଲ୍ୟାଣ ସମିତି ବୈଠକ

ଦାମନଯୋଡି,୨୦।୧୧(ନରସିଂ ବ୍ରହ୍ମା)

କୋରାପୁଟ ବ୍ଲକସ୍ତରୀୟ ଗାଁକଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମିତି ଅଧକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢୀ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ନମିତା ମାଝୀ, ଜିଲା ପରିଷଦ ସଦସ୍ୟ ମିହିର କୁଲଦୀପ,ବିଧାୟକଙ୍କ ପ୍ରତିନିଧି ଅନନ୍ତରାମ ମାଟାମ,ସମିତି ଉପାଧକ୍ଷ ତଥା ବିଡିଓ ଦେବାଶିଷ ଗୌଡ଼, ଏଇଇ ତୁଷାର ସାମଲ,ଏବିଇଓ ଜାସନ ବେହିଆ, ବରିଷ୍ଠ ନାଗରିକ ରାମଚନ୍ଦ୍ର ପୂଜାରୀ ଓ କ୍ଷୀରୋଦ ଚୌଧୁରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ଜନସାଧାରଣଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା କିପରି ସହଜରେ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱକୁ ଆଲୋକିତ କରିବା, ପାର୍କିଂ ବ୍ୟବସ୍ଥା କରିବା,ଅତ୍ୟାବଶ୍ୟକ ଯନ୍ତ୍ରପାତି କ୍ରୟ, ପରିବେଶ ସଫା ରଖିବା ଓ ଗାଁ କଲ୍ୟାଣ ସମିତିରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋ,ବିପିଏମ ନୂତନ ସିଂହ ଓ ପିଏଚଇଓ ବିଜୟ ଖିଲଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଓ କର୍ମଚାରୀ,ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚାଷୀ-ଅଧିକାରୀ କଥା କଟାକଟି

**ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ**

- ତରବରିଆ ଭାବେ ଅଧାରୁ ବନ୍ଦ ହେଲା ସଭା
- ଗୋପାଳନ କରୁଥିବା ଜିଲାର ସବୁ ଚାଷୀଙ୍କୁ ଡକାଯାଇନି
- ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଚାଷୀଙ୍କୁ ମିଳୁନି

କୋରାପୁଟ,୨୦।୧୧(ଅମିତାଭ ବେହେରା)



ଅତିଥିମାନେ ଜଣେ ମହିଳା ଚାଷୀଙ୍କୁ ସମ୍ମାନିତ କରୁଛନ୍ତି ।

କୋରାପୁଟସ୍ଥିତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ସୋମବାର ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳନ ସମୟରେ ଗୋସେବା କାର୍ଯ୍ୟକ୍ରମ ନେଇ ଉପସ୍ଥିତ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କର ଉପସ୍ଥିତ ଅଧିକାରୀଙ୍କ ସହ କଥା କଟାକଟି ହୋଇଥିଲା। ଫଳରେ ବିଭାଗୀୟ ଅଧିକାରୀମାନେ ତରବରିଆ ଭାବେ ସଭା ଅଧାରୁ ବନ୍ଦ କରି ଦେଇଥିଲେ। ତେବେ ଆୟୋଜିତ ଏହି ଗୋ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ରୂପେ ଜିଲା ପ୍ରଣୀ ଚିକିତ୍ସା ଅଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା ଯୋଗଦେଇ ସରକାରଙ୍କ ପକ୍ଷରୁ ଗୋପାଳନ ଓ ଚାଷୀମାନଙ୍କ ଉନ୍ନତି ନେଇ କରାଯାଉଥିବା ବିଭିନ୍ନ ଯୋଜନାର ଲାଭ କିପରି ଚାଷୀମାନେ ପାଇପାରିବେ ସେ ନେଇ ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଗୋପାଳନ କ୍ଷେତ୍ରରେ ଉନ୍ନତି କରିଥିବା କେତେ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ।

ଅନ୍ୟପକ୍ଷରେ ଉତ୍ସବକୁ ଜିଲାର କେତେ ଜଣ ହାତଗଣତି ଗୋପାଳନ କରୁଥିବା ଚାଷୀଙ୍କୁ ଡକାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ଚାଷୀ ଏହି ଗୋ ସମ୍ବର୍ଦ୍ଧନା ଉତ୍ସବ ସମ୍ପର୍କରେ ଜାଣି ନ ଥିବାରୁ ଉପସ୍ଥିତ ଅଧିକାରୀଙ୍କ ଉପରେ ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ଚାଷୀ କେ. ନାଗେଶଙ୍କ ସହ ଅନ୍ୟ କେତେ ଜଣ ଅଭିଯୋଗ ଉଠାଇ ସଭା ଚାଲିଥିବାବେଳେ ପ୍ରଥମେ ବିଭାଗୀୟ ଅଧିକାରୀ ଗୋ ପାଳନ କରୁଥିବା ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ଚାଷୀ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କଲେ ପଦସ୍ଥ ଅଧିକାରୀମାନେ ତାଙ୍କୁ ନାଲି ଆଖି ଦେଖାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଗୋ ସମ୍ବର୍ଦ୍ଧନା ଉତ୍ସବ ତରବରିଆ ଭାବେ ଶେଷ ହେବା ପରେ ଗୋପାଳକ ଚାଷୀ କେ. ନାଗେଶ ଓ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଚିତ୍ର ମୋହନ ଦାସଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଦାସ କୋରାପୁଟର ଚାଷୀ ଠିକ ନାହାନ୍ତି ବୋଲି କହିବାରୁ ନାଗେଶ ଏହାର ପ୍ରତିବାଦ କରିଥିଲେ। ଗୋପାଳନ ନେଇ ସରକାରଙ୍କ ରହିଥିବା ବିଭିନ୍ନ ସୁବିଧା ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଠିକ ଭାବେ ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରିଥିଲେ । ଏଡିଭିଓ ସନ୍ତୋଷ ପାଣିଗ୍ରାହୀ , ଡାକ୍ତର ବିଶ୍ୱଜିତ ରାୟଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳାନାରେ ସହଯୋଗ କରିଥିଲେ।

## ୨ଜଣଙ୍କୁ କୈଫିୟତ ତଲବ କଲା ବିଭାଗ

**ଜାଲ୍ ଦସ୍ତଖତରେ ଚାକିରି ମାମଲା**

ସୁନାବେଡ଼ା,ସେମିଳିଗୁଡ଼ା, ୨୦।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସମ୍ପାଦକଙ୍କ ଜାଲ୍ ଦସ୍ତଖତରେ ନିଯୁକ୍ତି ମାମଲାର ତଦନ୍ତ କରି କିଛି ଦିନ ତଳେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ତଦନ୍ତ ରିପୋର୍ଟଆଧାରରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍.ଆୟର ଉଭୟ ବିଦ୍ୟାଳୟର ଗଣିତ ଅଧାପକ କିଶୋର ଚନ୍ଦ୍ର ସାହୁ ଓ ଫିଜିକ୍ସ ବିଭାଗର ଲାବ୍ ଆସିଷ୍ଟାଣ୍ଟ ଦେବଦତ୍ତ ମହାନ୍ତିଙ୍କୁ ଚିଠି ସଂଖ୍ୟା ୧୧୯୪୧,୨।୧୧।୨୩ରେ କୈଫିୟତ ତଲବ କରିଛନ୍ତି। ଗତ ଅଗଷ୍ଟ ୨୩ରେ ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା ପ୍ରକାଶ ପାଇଥିଲା। ଶିକ୍ଷା ବିଭାଗ ନିର୍ଦ୍ଦେଶକ ଆୟର୍ ଜିଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ସେହି ମାସରେ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ ଏହାର ତଦନ୍ତ କରି ଅଭିଯୋଗର ସତ୍ୟତା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାକୁ ଭିତ୍ତିକରି ଉଭୟଙ୍କୁ କୈଫିୟତ ତଲବ କରାଯାଇଛି। ୩୦ଦିନ ମଧ୍ୟରେ ଲିଖିତ ଜବାବ ଦାଖଲ କରିବାକୁ କୁହାଯାଇଛି। ଏଥିସହିତ ଏ ସମ୍ପର୍କିତ ଚିଠି ପରିଚାଳନା କମିଟି ମୁଖ୍ୟ ତଥା ଉପଜିଲାପାଳ ବେଣୁଧର ଶବର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ ଗତ ୨।୧୧।୨୩ରେ କରାଯାଇ ଉଭୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଅଯୋଧ୍ୟାନାଥ ସାମଲଙ୍କ ଅଭିଯୋଗ ଅନୁସାରେ ୨୦୧୦ରେ ସାମଲଙ୍କ ଦସ୍ତଖତକୁ ଜାଲିଆତି କରି ଦୁଇ ଜଣଙ୍କୁ ତତ୍କାଳୀନ ଅଧକ୍ଷ ନିଯୁକ୍ତି ଦେଇଥିଲେ। ଏହି ଜାଲ୍ ନିଯୁକ୍ତି ସମ୍ପର୍କରେ ଜାଣିବା ପରେ ସାମଲ ବିଦ୍ୟାଳୟର ତତ୍କାଳୀନ ସଭାପତି ଏବଂ ବର୍ତ୍ତମାନର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ପୂର୍ବତନ ସଭାପତି ତଥା ବିଧାୟକ ବାହିନୀପତି କହିଛନ୍ତି, ଶିକ୍ଷା ବିଭାଗ କେବଳ ଦୁଇ ଚାକିରିଆଙ୍କୁ କୈଫିୟତ ତଲବ ନ କରି ତାଙ୍କ ସହ ଏସବୁ ଜାଲ୍ ଦସ୍ତାବିଜ ତିଆରି କରିଥିବା ବ୍ୟକ୍ତି ଓ ନିଯୁକ୍ତି ଦେଇଥିବା ସମସ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ଉଚିତ। ଏ ସମ୍ପର୍କରେ ଉପଜିଲାପାଳ ତଥା ପରିଚାଳନା କମିଟି ନିର୍ଦ୍ଦେଶକ ଶବରଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ସେମିତି କୌଣସି ଚିଠି ପାଇନାହାନ୍ତି। ଘଟଣା ବିଷୟରେ ସେ କିଛି ଜାଣି ନାହାନ୍ତି। ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ପଚାରିବା ଲାଗି ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା।

# ସେମ୍ବି ଗ୍ରାମରେ ଶାନ୍ତି କମିଟି ବୈଠକ ବିଫଳ

**ନିରାଶ ହୋଇ ଫେରିଲା ପୋଲିସ**

ଦଶମନ୍ତପୁର,୨୦।୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜାବେଡ଼ା ପଦର ପଞ୍ଚାୟତର ସେମ୍ବି ଗ୍ରାମରେ ଗତ ୧୩।୧୧।୨୩ ରିଖ ସନ୍ଧ୍ୟାରେ ବାଲିଯାତ୍ରା ପାଇଁ ପୂଜା ପ୍ରସ୍ତୁତି ଚାଲିଥିବା ସମୟରେ ହରିଜନ ସାହିର ୭ ଜଣ ଯୁବକ ପୂଜାକୁ ବିରୋଧ କରିଥିଲେ। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ତେବେ ଏହାକୁ ଗୁରୁତର ସହ ନେଇ ଗ୍ରାମରେ ଶାନ୍ତି ଫେରାଇ ଆଣିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଗ୍ରାମରେ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ସୋମବାର ଶାନ୍ତି କମିଟିର ଏକ ବୈଠକ ଗ୍ରାମରେ ବସିଥିଲା। ଏସ୍‌ଡିପିଓ ଶ୍ରାବଣୀ ନାୟକଙ୍କ ତତ୍ତ୍ୱାବଧାନରେ ସେକେଣ୍ଡ ଅଫିସର ନିର୍ମଳା ଲିମା, ଏଏସ୍‌ଆଇ ଲକ୍ଷ୍ମୀକାନ୍ତପଣ୍ଡା, କଂଗ୍ରେସ ଓ ବିଜେଡିର ନେତା, କର୍ମୀ ଓ ହରିଜନ ଓ ଆଦିବାସୀ ସାହିର ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇ ଯାହାର ଅତ୍ୟଧିକ କ୍ଷତି ହୋଇଛି ତାକୁ କାହିଁକି ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଗ୍ରାମବାସୀ ପୋଲିସକୁ ପଚାରିଥିଲେ। ଏହାକୁ ନେଇ ବୈଠକରେ ଯୁକ୍ତିତର୍କ ଆରମ୍ଭ ହୋଇ ଯାଇଥିଲା। ଫଳରେ ଶାନ୍ତି କମିଟି ବୈଠକ ବିଫଳ ହୋଇଥିଲା। ଶାନ୍ତି ପ୍ରତିଷ୍ଠା କରିବାକୁ ଆସିଥିବା ପୋଲିସକୁ ନିରାଶରେ ଫେରିବାକୁ ପଡିଥିଲା। ସୂଚନାଯୋଗ୍ୟ, ଏହି ଘଟଣାରେ ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)

କାର୍ତ୍ତିକ ସୋମବାରରେ ଜୟପୁର ସହରରେ ଥିବା ଶିବ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଜୟପୁରର ଅଷ୍ଟଶମ୍ଭୁ ପଞ୍ଚାନନ ମନ୍ଦିର, ନୀଳକଣ୍ଠେଶ୍ୱର, ହଟକେଶ୍ୱର, ବୈଦ୍ୟନାଥ ମନ୍ଦିର, ବାରିଣିପୁଟ ଶିବମନ୍ଦିର, ଗାଗନାପୁର ଶିବ ମନ୍ଦିର, କପିଳେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ଭିଡ ଜମିଥିଲା। ଶ୍ରଦ୍ଧାଳୁମାନେ ସକାଳୁ ଭୋଗ ସାମଗ୍ରୀ ଧରି ମନ୍ଦିରରେ ପହଞ୍ଚିଥିଲେ। ଦୀର୍ଘସମୟ ଧରି ଅପେକ୍ଷା କରି ପୂଜାର୍ଚ୍ଚନା କରି ଫେରିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଜଣଙ୍କୁ ଗିରଫ କରିଛନ୍ତି। ସେହେଲେ ଧଡ୍ରିଗୁଡା ଗ୍ରାମର ଚକ୍ର ଗାଦବା । ଚକ୍ର ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ କର୍ମଚାରୀମାନେ ତାଙ୍କ ଉପରେ ଚଢାଉ କରି ଗ୍ରାମରୁ ଧରିଥିଲେ। ତାଙ୍କଠାରୁ ୭ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ଚକ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ନିଳାଦ୍ରୀ ବିହାରୀ ମିଶ୍ର କହିଛନ୍ତି।

## ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲାସ୍ତରୀୟ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥି।

ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)

ନିଖିଳ ଭାରତ ସମବାୟ ସପ୍ତାହ ଉପଲକ୍ଷେ ୭୦ତମ ଜିଲାସ୍ତରୀୟ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି । ଜୟପୁର ପୁରୁଣାଗଡସ୍ଥିତ ଏକ କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତଥି ଭାବେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପାଡାଲ, ମୁଖ୍ୟବକ୍ତା ଭାବେ ସମବାୟବିତ ତଥା ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ମାନିତ ବକ୍ତା ବାଙ୍କୀର କେନ୍ଦ୍ରୀୟ ବ୍ୟାଙ୍କର ସମ୍ପାଦକ ଅଭୟ ଲେଙ୍କା, ସମ୍ମାନିତ ଅତିଥି ରୂପେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ ବିଧାୟକ ପଦ୍ମିନୀ ଦିଆନ, ପଟାଙ୍ଗି ବିଧାୟକ ପ୍ରୀତମ ପାଢୀ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜୟପୁର ବିଭାଜନର ଭୀମ ସେନ ସାହୁ, କେଏମଏନଆର ସଂଘ ସଭାପତି ଅନୁପ ପାତ୍ର, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ଏବଂ ବ୍ୟାଙ୍କ ଦ୍ୱାରା ଯେପରି ସବୁ ବର୍ଗର ଜନସାଧାରଣ ଉପକୃତ ହେବେ ସେଥିପ୍ରତି ସମବାୟ ବ୍ୟାଙ୍କଗୁଡିକ ଦୃଷ୍ଟି ଦେବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ଜିଲା ସମବାୟ ସଂଘ ସଭାପତି ହେମନ୍ତ ନାୟକ ଅଧକ୍ଷତା କରିଥିଲେ। ଜିଲା ସମବାୟ ସଂଘ ସମ୍ପାଦକ ସଞ୍ଜୟ ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ପହଞ୍ଚିଲା ମାନବାଧିକାର ଟିମ୍


ଗମ୍ଭାରିଗୁଡ଼ା ଗ୍ରାମବାସୀ ଅନୁଧ୍ୟାନରେ ଆସିଥିବା ଟିମ୍ ସଦସ୍ୟଙ୍କୁ ଦାବିପତ୍ର ଦେଉଛନ୍ତି।

**ଗମ୍ଭାରିଗୁଡ଼ା ଗ୍ରାମ ରାୟଗଡା ଜିଲା କାଶୀପୁର ବ୍ଲକ୍‌ରେ ସାମିଲ ହେବା ଘଟଣା**

ଦଶମନ୍ତପୁର,୨୦।୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର କୁଟେଇ ପଦର ପଞ୍ଚାୟତର ଗମ୍ଭାରିଗୁଡ଼ା ଗ୍ରାମ ରାୟଗଡା ଜିଲାର କାଶୀପୁର ବ୍ଲକରେ କିପରି ସାମିଲହେଲା ତାହାର ଅନୁଧ୍ୟାନ ଲାଗି ସୋମବାର ଜାତୀୟ ମାନବାଧିକାରର ଏକ ଟିମ୍ ଦଶମନ୍ତପୁରରେ ପହଞ୍ଚିଥିବା ଜଣାପଡ଼ିଛି। କୋର ଗ୍ରୁପ ସଦସ୍ୟ ତଥା ଜାତୀୟ ମାନବ ଅଧିକାର କମିଶନର ମନୋଜ ଜେନା, ରାଜ୍ୟ କନଭେନର ତଥା ଓଡ଼ିଶା ହାଇକୋର୍ଟ କଟକରୁ ରାଜ୍ୟ କୋଅର୍ଡିନେଟର ଥିବା ରାଜୀବ ପଟ୍ଟନାୟକ, ମାନବ ଅଧିକାର ନିର୍ଦ୍ଦେଶକ ଆଡଭୋକେଟ ନରସିଂହ ନାୟକ, ଜିଲା କନଭେନର ସୁଶାନ୍ତ ନିଲକମଲ ପ୍ରମୁଖ ଉକ୍ତ ଟିମ୍‌ରେ ଅଛନ୍ତି। ଏହି ଅବସରରେ ଗ୍ରାମବାସୀ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଟିମ୍‌କୁ ଗ୍ରାମବାସୀ ଏକ ଦାବିପତ୍ର ଦେଇଥିଲେ। ଏହି ଗ୍ରାମରେ ୫୫ ପରିବାର ବସବାସ କରନ୍ତି। ଜନସଂଖ୍ୟା ୨୧୦ । ଦଶମନ୍ତପୁର ବ୍ଲକଠାରୁ ୩ କି.ମି. ଦୂରରେ ରହିଥିବା ଏହି ଗ୍ରାମ ୭୫ କି.ମି. ଦୂରରେ ଥିବା କାଶୀପୁର ବ୍ଲକରେ କିପରି ସାମିଲ ହେଲା ସେନେଇ ଟିମ୍ ଅନୁଧ୍ୟାନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ତହସିଲ ଏବଂ ସ୍ୱାସ୍ଥ୍ୟ ସେବା ଦଶମନ୍ତପୁର ବ୍ଲକ ଅଧୀନରୁ ପାଉଥିବା ବେଳେ ଶିକ୍ଷା, ପାନୀୟ ଜଳ ପରି ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରଶାସନର ଅବହେଳା ଯୋଗୁ ଗ୍ରାମର ଏଭଳି ଦୁର୍ଦ୍ଦଶା ବୋଲି ଜାତୀୟ ମାନବ ଅଧିକାର କମିଶନର ସଦସ୍ୟ ଜେନା କହିଛନ୍ତି। ସମସ୍ୟାର ଖୁବ ଶୀଘ୍ର ସମାଧାନ ପାଇଁ ଆମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଟିମ୍ ଦଣ୍ଡାବାଡ଼ର ଆଦିବାସୀ ଓ ବିଶୋୟୀ ସାହିରେ ପହଞ୍ଚି ବର୍ଷେ ନ ପୂରୁଣୁ ଭୁଶୁଡି ପଡିଥିବା ପେଡ଼ିଶିଲ ପୋଲ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଏହି ସମୟରେ ମାନବ ଅଧିକାର କମିଟି ସଦସ୍ୟ ଲକ୍ଷ୍ମଣ ବିଶୋୟୀ, ତ୍ରିନାଥ ଜାନି, ରବି ନାରାୟଣ ଭତ୍ରା, ଦୟା ଜାନି, ଲଛମି ଡଙ୍ଗରୀ, ହର ଗୌଡ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳାଇ, ବିଜେଡିର ବରିଷ୍ଠ ନେତା ପ୍ରତାପ ଖସଲା ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ସଚେତନ କରୁଛନ୍ତି।

କୋରାପୁଟ,୨୦।୧୧(ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି) ଉଦ୍‌ଘାଟିତ ହୋଇଯାଇଛି। ନୋଡାଲ ଅଫିସର ଡ. କୁଲଦୀପ ଲାକ୍ରା ଓ ସରିତ ବତ୍ରା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାଂସ୍କୃତିକ, କ୍ରୀଡା ଓ ସମାଜସେବା ନାମରେ ୩ଟି ସଙ୍ଗଠନର ଗଠିତ ହୋଇଛି। ୩ ସଙ୍ଗଠନର ସଂଯୋଜକ ଭାବେ ଅର୍ଜୁନ ଚରଣ ବେହେରା, ପ୍ରଫୁଲ୍ଲ ଲାକ୍ରା ଓ ରାଜେନ୍ଦ୍ର ବରିହା ରହିଛନ୍ତି। ସେମାନେ ନିଜ ସଙ୍ଗଠନର କାର୍ଯ୍ୟସୂଚୀ ସମ୍ପର୍କରେ ଛାତ୍ରୀ ଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ସଚେତନତାମୂଳକ କାର୍ଯ୍ୟକ୍ରମ କରିଥିଲେ। ସୁଜାତା ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କୋବିଦ ପ୍ରଧାନ, ହିମାଂଶୁ ନନ୍ଦ, ଶୁଶ୍ରୀ ସୁମନ୍ , ପି.ଟି. ଅରୁଣା ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଲେ ଛାତ୍ରୀଛାତ୍ର

ଜୟପୁର, ୨୦।୧୦(ପବନ ପାଣିଗ୍ରାହୀ)

ଜୟପୁର ଟାଉନହଲଠାରେ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଛି। ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଉପଲକ୍ଷେ ଆୟୋଜିତ ଏହି ଚିତ୍ରକଳା ପ୍ରଦଶନୀକୁ ଏବିଡିଓ ମନୋଜ ନାୟକ ଉଦ୍‌ଘାଟନ କରିଥିଲେ।



ଚିତ୍ରକଳା ପ୍ରଦର୍ଶନୀକୁ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ବୁଲି ଦେଖୁଛନ୍ତି।

ଏଥିରେ ସମ୍ମାନିତ ଅତିଥି ରୂପେ ବିକ୍ରମ ସରକାରୀ ଚାରୁକଳା ଓ କାରୁକଳା ବିଦ୍ୟାଳୟ ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ, କେ. ସୁନୀଲ କୁମାର ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ୧୪ଟି ବ୍ଲକ, ପୌରାଞ୍ଚଳ, ଏନଏସିର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୋଟ ୫୭ଟି ଚିତ୍ର କଳା ସ୍ଥାନ ପାଇଥିଲା। ଛାତ୍ରୀଛାତ୍ର ଓ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୯ ହିତାଧିକାରୀଙ୍କ ୫ ମାସର ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

ନନ୍ଦପୁର, ୨୦।୧୧(ଶଙ୍କର ପୂଜାରୀ)


ମଧୁବାବୁ ପେନ୍‌ସନ୍ ଦେୟର ବିବରଣୀ
ବର୍ଷ- 2023

| ମାସ | ଟଙ୍କା | ଭତ୍ତା ପ୍ରଦାନକାରୀଙ୍କ ସ୍ୱାକ୍ଷର ଓ ତାରିଖ | ମନ୍ତବ୍ୟ |
|---|---|---|---|
| ଜାନୁୟାରୀ ✓ | ୫୦୦/- | [illegible] | |
| ଫେବୃୟାରୀ ✓ | ୫୦୦/- | [illegible] | |
| ମାର୍ଚ୍ଚ | | | |
| ଏପ୍ରିଲ | | | |
| ମଇ | | | |
| ଜୁନ୍ | | | |
| ଜୁଲାଇ | | | |
| ଅଗଷ୍ଟ | 500 | 1[illegible]/8/23 | |
| ସେପ୍ଟେମ୍ବର | 500 | 1[illegible]/9/23 | |
| ଅକ୍ଟୋବର | 500 | [illegible]/10/23 | |
| ନଭେମ୍ବର | | | |
| ଡିସେମ୍ବର | | | |

ଭତ୍ତା ପାଇ ନ ଥିବା ସମ୍ପର୍କିତ ହିତାଧିକାରୀଙ୍କ ପ୍ରମାଣପତ୍ର।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପୋଡେଇ ଗ୍ରାମର ଭତ୍ତା ହିତାଧିକାରୀ ୫ ମାସର ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି। କୁଲାରସିଂ ପଞ୍ଚାୟତର ପୋଡେଇ ଗ୍ରାମର ସନାଇ କିର୍ଷାନୀ, ନାରଦ ଖେମୁଣ୍ଡୁ, ସାନମତି କିର୍ଷାନି, ନିନିବୁଡ଼ି ବୁରୁଡ଼ି, କମଳା କିର୍ଷାନୀ, ଦଇମତି କିର୍ଷାନୀ, ମୋହନ ବୁରୁଡି, କମଳା ଖେମୁଣ୍ଡୁ, ମତି ଖେମୁଣ୍ଡୁ ପ୍ରମୁଖ ଏପରି ଅଭିଯୋଗ ଆଣିଛନ୍ତି। ଏହି ହିତାଧିକାରୀମାନେ କହିଛନ୍ତି ଯେ, ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଭତ୍ତା ୫୦୦ ଟଙ୍କା ଆଣୁଥିଲୁ। ଗତ ମାର୍ଚ୍ଚ ମାସଠାରୁ ହାତରେ ଟଙ୍କା ନ ଦେଇ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଯିବ ବୋଲି କହି ପଞ୍ଚାୟତ କର୍ତ୍ତୃପକ୍ଷ ଟଙ୍କା ଦେବା ବନ୍ଦ କରିଦେଲେ। ମାର୍ଚ୍ଚଠାରୁ ଜୁଲାଇ ୫ ମାସ ଯାଏ ବ୍ୟାଙ୍କରେ ଆମ ଜମା ଖାତା ଯାଞ୍ଚ କରି ଆମେ ଟଙ୍କା ଆସି ନ ଥିବା ଦେଖି ଅଭିଯୋଗ କରିଥିଲୁ। ପରେ ଅଗଷ୍ଟ ମାସରୁ ପୂର୍ବପରି ଆମକୁ ହାତରେ ଟଙ୍କା ଦେଲେ। ଏବେ ଆମେ ଭତ୍ତା ଟଙ୍କା ନିୟମିତ ପାଉଥିବା ବେଳେ ଗତ ମାର୍ଚ୍ଚ ମାସରୁ ଜୁଲାଇ ପର୍ଯ୍ୟନ୍ତ ୫ମାସର ଭତ୍ତା ଟଙ୍କା ଏଯାଏ ପାଇନୁ। ଏହି ଟଙ୍କା ସେମାନଙ୍କ ଜମାଖାତାକୁ ଆସି ନ ଥିବା ବେଳେ ଟଙ୍କା ଗଲା କୁଆଡେ ବୋଲି ହିତାଧିକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଭତ୍ତା ପାଇ ନ ଥିବା ହିତାଧିକାରୀ କୁଲାରସିଂ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଅଛନ୍ତି ବୋଲି ସରପଞ୍ଚ ଭଗବତୀ କିର୍ଷାନୀ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ସେ ପିଇଓଙ୍କ ସହ ଆଲୋଚନା କରିବେ। ଆବଶ୍ୟକ ସ୍ଥଳେ ନିଜେ ପୋଡ଼େଇ ଗ୍ରାମ ଓ କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ହିତାଧିକାରୀଙ୍କ ଉକ୍ତ ୫ମାସର ଭତ୍ତା ଟଙ୍କା ପ୍ରଦାନ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

